## ସଂକ୍ଷେପରେ

### ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ଧର୍ମଗଡ଼,୯।୧ (ଆକାଶ କୁମାର ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ପର୍ଲା ସିନାପଡ଼ା ଗ୍ରାମରେ ଗତ ୨୦୨୧ରେ ହୋଇଥିବା ଏକ ଆକ୍ରମଣ ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ଧର୍ମଗଡ଼ ସହାୟକ ଦୌରା ଜଜ୍ ଇସ୍ମି ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଡିଲର୍ ଗୋପାଳ ଓ ଯଦୁମଣୀ ଗୋପାଳଙ୍କୁ ଦୋଷୀ ସାବ୍ୟସ୍ତ କରି ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରକାଶ ଯେ, ପର୍ଲା ସିନାପଡ଼ାର ଗୌତମ ଗୋପାଳ ହଜି ଯାଇଥିବା ବଳଦକୁ ଖୋଜିବାକୁ ଯାଇ ରାସ୍ତାରେ ଅନ୍ୟଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରୁଥିଲେ। ଏହି ସମୟରେ ସେହି ଗ୍ରାମର ଡିଲର୍ ଓ ଯଦୁମଣୀ ହଠାତ୍ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ପୀଡିତଙ୍କ ପୁଅ ଅବିନ ଗୋପାଳ ଗତ ୨୪।୪।୨୦୨୧ ତାରିଖରେ ଧର୍ମଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଧର୍ମଗଡ଼ ପୋଲିସ ଏକ ମାମଲା (ନଂ.୫୯/ ୨୧) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ମାମଲା ପରିଚାଳନା କରିଥିଲେ।

### ଜନବସତି ଅଞ୍ଚଳରେ ଭାଲୁ, ଲୋକେ ଭୟଭୀତ

**କୋକସରା,୯।୧ (ଦୁଷ୍ମନ୍ତ କୁମାର ପାଢୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ଶିଉନି ଗ୍ରାମ ଆଖପାଖରେ ଏକ ଭାଲୁ ଜନବସତି ମଧ୍ୟରେ ବିଚରଣ କରୁଥିବା ଦେଖିବାକୁ ମିଳୁଛି। ଭାଲୁଟି ଗାଁ ନିକଟସ୍ଥ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସି କେତେବେଳେ ରାସ୍ତା ଉପରେ ବୁଲୁଛି ତ କେତେବେଳେ ଘର ନିକଟକୁ ଚାଲି ଆସୁଥିବା ଲୋକେ କହିଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲା ପରେ ମଧ୍ୟ ଜଙ୍ଗଲ ବିଭାଗୀୟ ଅଧିକାରୀ ଭାଲୁ ଘଉଡାଇବା ପାଇଁ କୌଣସି ଉଦ୍ୟମ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଭାଲୁ ଆକ୍ରମଣରେ ଅନେକ ଲୋକ ଆହତ ଓ ମୃତ୍ୟୁବରଣ କରିଥିବା ନଜିର ରହିଛି। ବିଭାଗୀୟ କର୍ମଚାରୀ ଭାଲୁ ଘଉଡ଼ାଇ ଲୋକଙ୍କ ଜୀବନ ସୁରକ୍ଷା କରିବାକୁ ଦାବି ହେଉଛି।

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

**କଲମପୁର, ୯।୧(ଗଣେଶରାମ ବାଗ):** ଗୁରୁବାର କଲମପୁର ପଞ୍ଚାୟତ ସମିତି ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସମ୍ମାନିତ ଅତିଥି ଭାବରେ ତହସିଲଦାର ସ୍ମରଣିକା ତୁଲ, ବିଇଓ ମଧୁସ୍ମିତା ନାଏକ, ସିଡ଼ିପିଓ ନିର୍ବାସିନୀ ଦେଈ, ଡିଗ୍ରୀ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ସମାରୋହରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇ ନିଜର କଳା ପ୍ରଦର୍ଶନ କରିଥିଲେ। ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଶାନ୍ତ ମାଝୀ, ଶାଶ୍ୱତ ପଣ୍ଡା, ରଞ୍ଜନ କୁମାର ସାହୁ, ଅର୍ଚ୍ଚନା ସୁନାନୀ, ସୁଧୀର ରାଉତ ମଞ୍ଚ ପରିଚାଳନା କରିଥିଲେ। ବହୁସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### ଷ୍ଟିଲ ଓ ଫର୍ନିଚର ଦୋକାନରୁ ଚୋରି

ଲୋଇସିଂହା,୯।୧(ସୁଶାନ୍ତ ବାରିକ) ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡାସ୍ଥିତ ସାହୁ ଷ୍ଟିଲ ଓ ଫର୍ନିଚର ଦୋକାନରୁ ବୁଧବାର ରାତିରେ ଚୋରି ହୋଇଯାଇଛି । ଦୁର୍ବୃତ୍ତମାନେ ୧୪ ଶହ ଟଙ୍କା ଓ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ଯାଇଛନ୍ତି। ଅଭିଯୋଗ ପାଇ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଥିଲେ । ପୋଲିସ ସୂଚନାମତେ, ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ବୁର୍ଡା ସତସଙ୍ଗ କେନ୍ଦ୍ର ନିକଟରେ ଉକ୍ତ ଦୋକାନ ରହିଛି। ଦୋକାନରେ ଇଲେକ୍ଟ୍ରିକ ସାମଗ୍ରୀ ଠାରୁ ଆରମ୍ଭ କରି ଫର୍ନିଚର ସାମଗ୍ରୀ ରହିଛି । ଗୁରୁବାର ସକାଳେ ମାଲିକ ଶମ୍ଭୁ ପ୍ରସାଦ ସାହୁ (ଟିକୁ) ଦୋକାନ ଖୋଲିବା ପରେ ଦୋକାନ ପରିସରର ୨ଟି କବାଟ ତଡା ହୋଇଥିବା ଦେଖିବାକୁ ପାଇଥିଲେ । ଦୋକାନରେ ବହୁ ଦାମୀ ଜିନିଷ ଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି ହେବା ଘଟଣାକୁ ରହସ୍ୟମୟ କରିଛି । ।

# ମଦ ଚଢ଼ାଉ ବେଳେ ଆକ୍ରମଣ

**୩ ଅବକାରୀ କର୍ମଚାରୀ ଆହତ, ୮ ଗିରଫ**

ଭବାନୀପାଟଣା,୯।୧(ଉତ୍ତମ କୁମାର ଦାଶ)



ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଉଥିବା ଦୃଶ୍ୟ।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଭଟାଙ୍ଗପଦର ପଞ୍ଚାୟତ କର୍ନାଲା ଗ୍ରାମରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବୁଧବାର ଅପରାହ୍ନରେ ଏହି ଗ୍ରାମରେ ବେଆଇନ ରନ୍ଧା ମଦ କାରବାର ଚାଲୁଥିବା ଖବର ପାଇ ସ୍ଥାନୀୟ ଅବକାରୀ ବିଭାଗ ଚଢାଉ କରୁଥିବାବେଳେ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ୩ କନ୍‌ଷ୍ଟେବଲ ଆହତ ହୋଇଛନ୍ତି। ସେମାନେ ହେଲେ କନ୍‌ଷ୍ଟେବଲ କିଶାନ ଗୌଡ, ମହାଦେବ ମାଝୀ ଓ ରାଜକୁମାରୀ ଶବର। ସେହିପରି ଆକ୍ରମଣକାରୀ ଅବକାରୀ ବିଭାଗର ଗାଡି ମଧ୍ୟ ଭାଙ୍ଗିଦେଇଛନ୍ତି, ଯାହାର ଭିଡିଓ ଏବେ ଭାଇରାଲ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମରେ ଯାତ୍ରା ଚାଲୁଥିବାବେଳେ ଅବକାରୀ ବିଭାଗର ହଠାତ୍ ଚଢାଉକୁ ନେଇ ଏପରି ଅପ୍ରୀତିକର ଘଟଣା ଉପୁଜିଥିଲା। ଏହାକୁ ନେଇ ସ୍ଥାନୀୟ ଅବକାରୀ ଥାନାର ଓଆଇସି ତିଲକ ରାମ ନାଏକ ଭବାନୀପାଟଣା ସଦର ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ପରେ ପୋଲିସ ଏକ ମାମଲା (ନଂ.୬/୨୫) ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ଗ୍ରାମର ୮ ଜଣଙ୍କୁ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗ୍ରାମର ବୁଦ୍ଧୁ ମାଝୀ, ମଦନ ମାଝୀ, କୁଞ୍ଜି ମାଝୀ, କିଶୋର ମାଝୀ, ରଞ୍ଜନ ମାଝୀ, ମନୁ ମାଝୀ, ଚୁକା ମାଝୀ ଓ ରୁକଧର ମାଝୀ। ସେହିପରି ଏହି ଘଟଣାରେ ଗ୍ରାମର ଆଉ ପ୍ରାୟ ୬ ଜଣ ସାମିଲ ଥିବାରୁ ସେମାନଙ୍କୁ ପୋଲିସ ଧରିବାକୁ ପ୍ରୟାସ ଚଳାଇଛି। ଅନ୍ୟପକ୍ଷରେ ୮ଜଣ ଗିରଫ ହେବା ପରେ ଗ୍ରାମର କେତେଜଣ ମହିଳା ସଦର ଥାନା ସମ୍ମୁଖକୁ ଆସି ପ୍ରତିବାଦ କରୁଥିବାରୁ ସେଠାରେ କିଛି ସମୟ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା।

## ଦଣ୍ଡପାଟକୁ ବ୍ଲକ୍ ଦାବି: ୧୧ ପଞ୍ଚାୟତବାସୀ ଏକାଠି

ବେହେରା,୯।୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଣ୍ଡପାଟ ଅଞ୍ଚଳକୁ ସ୍ୱତନ୍ତ୍ର ବ୍ଲକ୍ ମାନ୍ୟତା ପ୍ରଦାନ ପାଇଁ ବେହେରାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଗୁରୁବାର ୧୧ ଗୋଟି ପଞ୍ଚାୟତ ଲୋକେ ଏକତ୍ରିତ ହୋଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଘନଶ୍ୟାମ ପଟେଲଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କଳାହାଣ୍ଡିର ଉପାନ୍ତ ଦଣ୍ଡପାଟ ଅଞ୍ଚଳ ଉଭୟ ସରକାରୀ ଓ ପ୍ରଶାସନିକ ସ୍ତରରେ ଅବହେଳିତ ହୋଇ ରହିଛି। ବିଭିନ୍ନ ପଞ୍ଚାୟତ ଏବଂ ଗ୍ରାମ ବ୍ଲକ୍ ସଦର ମହକୁମାଠାରୁ ପ୍ରାୟ ୩୦ରୁ ୪୦ କି.ମି. ଦୂରରେ ରହୁଥିବାରୁ ଗମନାଗମନ କ୍ଷେତ୍ରରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦଣ୍ଡପାଟ ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ୧୬ ପଞ୍ଚାୟତ ଓ ୨ଟି ପଞ୍ଚାୟତର ଅର୍ଦ୍ଧାଧିକ ଗ୍ରାମ ଦଣ୍ଡପାଟ ବୋଲି ବିବେଚନା କରାଯାଇଥାଏ। ଏହିସବୁ ପଞ୍ଚାୟତର କେନ୍ଦ୍ରସ୍ଥଳୀ ହେଉଛି ବେହେରା ଗ୍ରାମ। ତେଣୁ ବେହେରାରେ ବ୍ଲକ୍ ଗଠନ କରାଯିବାକୁ ସଭାରେ ସର୍ବସମ୍ମତି କ୍ରମେ ଦାବି ଉପସ୍ଥାପନା କରାଯାଇଥିଲା। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରୁ ଏହି ଅଞ୍ଚଳକୁ ବ୍ଲକ୍ ଦାବି ହୋଇଆସୁଛି। ଚଳିତ ସରକାର ବ୍ଲକ୍ ପୁନର୍ଗଠନ ଉପରେ ବିଚାର କରୁଥିବାରୁ ଦଣ୍ଡପାଟ ଅଞ୍ଚଳବାସୀଙ୍କ ମନରେ ପୁଣି ଥରେ ଆଶା ଉଜ୍ଜୀବିତ ହୋଇଛି। ଏଣୁ ଦଣ୍ଡପାଟକୁ ବ୍ଲକ୍ ଦାବିରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଦଣ୍ଡପାଟ ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ, ଉପସଭାପତି ହେମନ୍ତ ମାଝୀ, ଗୌଲୋଚନ ଗୋପାଳ, ଟିକମନ ବାରିକ, ଗଣେଶ୍ୱର ବେମାଲ, ସମ୍ପାଦକ ପ୍ରଶାନ୍ତ ତିୱାରୀ, ସହ ସମ୍ପାଦକ ଅକ୍ଷୟ ନାଏକ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଲା



ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି।

କର୍ଲାମୁଣ୍ଡା,୯।୧ (ପ୍ରଦୀପ କୁମାର ସାହୁ)

**ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପରେଡ୍ ପଡ଼ିଆଠାରେ ୨୭ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇଙ୍କ ନେତୃତ୍ୱରେ କର୍ଲାମୁଣ୍ଡା ବସ୍ତିସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ମୁଖ୍ୟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବିଡିଓ ଦେବେନ୍ଦ୍ର ସାମଲ, ଜିଲା ପରିଷଦ କ ଜୋନ୍ ସଭ୍ୟ ମହେନ୍ଦ୍ର ରଣା, ଖ ଜୋନ୍ ସଭ୍ୟ ସୁରେଶ ଚୌଧୁରୀ, ତହସିଲଦାର ଅରୁଣ ବର୍ଗେ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ସମାରୋହରେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବରେ କେସିଙ୍ଗା କଲେଜ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କର୍ଲାମୁଣ୍ଡା ବ୍ଲକ୍ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ୍‌ର ସଫଳ ବ୍ୟକ୍ତିତ୍ୱ ସାମାଜିକ କର୍ମୀ ଏସ୍. ସୁଜାତା, ସଫଳ କ୍ଷୁଦ୍ରଶସ୍ୟ ଚାଷୀ ବଇଦାର ରଣା, ଆଶାକର୍ମୀ ମୀନା ଗହୀର, ଅଙ୍ଗନୱାଡି କର୍ମୀ କୁଳବତୀ ସୁନା, ଘୁଡୁକା ବାଦକ ରାଧେ ପୁଟେଲ, ଜୀବନବ୍ୟାପୀ ସାଧନା ପାଇଁ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଶା ପ୍ରମୁଖଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଳମ୍ବିତ ରାତି ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସଭା କାର୍ଯ୍ୟରେ ସାମ୍ବାଦିକ ନରୋତ୍ତମ ସେଲମା ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧୁସୂଦନ ବାଗ ଓ ଭାଗୀରଥି କୁମାର ସାହୁ ପରିଚାଳନା କରିଥିଲେ।

### ବୋଲେରୋ ଧକ୍କାରେ ଜଣେ ମୃତ

ନୂଆପଡ଼ା,୯।୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଝାଲବାହାଲ-ଜୁନାନୀ ଗାଁ ମଧ୍ୟରେ ବୋଲେରୋ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ପଗାରପାଣି ଗାଁର ହରିଶ୍ଚନ୍ଦ୍ର ମାଝି (୨୦) ଓ ଆହତ ନାବାଳକ ସେହି ଗାଁର ଅଭିଜିତ ମାଝି (୧୩)। ସୂଚନା ମୁତାବକ ବୁଧବାର ଦୁଇଜଣ ମଇଁଷି ଚରାଇବା ପାଇଁ ଆସିଥିଲେ। ମଇଁଷି ଝୁରୁ କ୍ଷେତରେ ଚରୁଥିବାବେଳେ ଏହି ଦୁଇଜଣ ଗାଁ ରାସ୍ତା କଡରେ ଛିଡା ହୋଇଥିଲେ। ସେହି ସମୟରେ ସାହିହା ପଟୁ ଆସୁଥିବା ଏକ ବୋଲେରୋ ଉଭୟଙ୍କ ଉପରକୁ ମାଡିଯାଇ ଟାଣି ନେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ହରିଶ୍ଚନ୍ଦ୍ରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଉଥିବା ସମୟରେ ବାଟରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ନାବାଳକ ଜଣକ ଚିକିତ୍ସାଧୀନ ଅଛନ୍ତି । ପୋଲିସ ଦୁର୍ଘଟଣା ଘଟାଇଥିବା ବୋଲେରୋ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚାରା ଉଚରା କରୁଛି ।

## ସମର୍ପିତ କଳାକାର ସୁଶିଲ ଗହୀରଙ୍କ ପରଲୋକ

ଭବାନୀପାଟଣା, ୯।୧ (ଉତ୍ତମ କୁମାର ଦାଶ)

**କଳାହାଣ୍ଡି କଳା ଜଗତରେ ଅପୂରଣୀୟ କ୍ଷତି**



କଳାହାଣ୍ଡି ଜିଲାର ଜଣେ ସମର୍ପିତ କଳାକାର ସୁଶିଲ କୁମାର ଗହୀରଙ୍କ ଗୁରୁବାର ଆକସ୍ମିକ ପରଲୋକ ଘଟିଛି। ଏହା କଳାହାଣ୍ଡି କଳା ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ଭବାନୀପାଟଣା ଟାଉନ ହଲଠାରେ ଆୟୋଜିତ ସ୍ମୃତି ସଭାରେ ଯୋଗଦେଇ ଦେଇ ବହୁ କଳାକାର ଓ ବୁଦ୍ଧିଜୀବୀ ମତ ଦେଇଥିଲେ। ୧୯୬୯ରେ ଭବାନୀପାଟଣାରେ ଜନ୍ମିତ ସୁଶିଲ ଜଣେ ଉଚ୍ଚକୋଟୀର ମଞ୍ଚ କଳାକାର ଓ ମଞ୍ଚ କାର୍ଯ୍ୟକ୍ରମ ଉପସ୍ଥାପକ। ମହାବୀର ସାଂସ୍କୃତିକ ଅନୁଷ୍ଠାନ, କଳାହାଣ୍ଡି କଳାକାର ସଂଘ, ବିଭିନ୍ନ ନାଟ୍ୟ ଦଳ ସହ ସେ କଳାହାଣ୍ଡି ଉତ୍ସବରେ ଦୀର୍ଘବର୍ଷ ଧରି ଉପସ୍ଥାପକ ଭାବରେ ନିଜର କଳା ପ୍ରଦର୍ଶନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ମୃତ୍ୟୁ ପୂର୍ବ ସନ୍ଧ୍ୟାରେ ପୌରାଞ୍ଚଳ ସ୍ତରୀୟ କଳାହାଣ୍ଡି ଉତ୍ସବରେ ତାଙ୍କୁ ନାଟକ କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁବାର ସକାଳେ ହୃଦଘାତରେ ତାଙ୍କର ପରଲୋକ ହୋଇଥିଲା। ସ୍ଥାନୀୟ ଓୟୁଏଟି ନିକଟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ଯଶ ମୁଖାଗ୍ନି ଦେଇଥିଲେ। ସନ୍ଧ୍ୟାରେ ଟାଉନ ହଲଠାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତନୁ କୁମାର ବେହେରା, ପ୍ରବୋଧ ରଥ, ସତ୍ୟ ନାରାୟଣ ମହାପାତ୍ର, ସୁରୁ ବାରିକ, ଭବେନ୍ଦ୍ର ପଣ୍ଡା, ସତ୍ୟ ମିଶ୍ର, ଅବଦୁଲ କାଦିର, ସୁଦର୍ଶନ ଦାଶ, ସତ୍ୟ ନାରାୟଣ ସିଂହ, ପ୍ରଦୀପ ଡି ମାଝୀ, ରିୟାଜ ଖାଁ, ମନୋଜ ଶର୍ମା, ରାଜେନ୍ଦ୍ର ପାଢ଼ୀ ପ୍ରମୁଖ ଶତାଧିକ କଳାକାର ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ।

## ୧୨ରେ ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶ

ବଲାଙ୍ଗୀର,୯।୧ (ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରାଯାଉଛି।

ଆଗାମୀ ୧୨ ତାରିଖରେ ଖପ୍ରାଖୋଲ ସ୍ଥିତ ଆଦର୍ଶ ସ୍କୁଲ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶ ହେବ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତି ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ କରି ବୁଧବାର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ରବି ମିଶ୍ର, ରଣରାଜ ସିଂଦେଓ, ଶରତ ହୋତା ଏବଂ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ସୁଶୀଳ କୁମାର ନାୟକ, ଆଡଭୋକେଟ୍ ପ୍ରଶାନ୍ତ କୁମାର ମାଝି, ରାଜକୁମାର ସେଠ୍, ଡିଙ୍ଗର କୁମ୍ଭାର, ନୀଳମାଧବ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗନ୍ଧମାର୍ଦ୍ଦନ ଏକ ବିରଳ ଜୈବବିବିଧତା କ୍ଷେତ୍ର। ଏହାର ସୁରକ୍ଷା ଏକାନ୍ତ ଆବଶ୍ୟକ। ମାତ୍ର ଏହି ପାହାଡରେ ବକ୍ସାଇଟ୍ ଥିବାରୁ ବାରମ୍ବାର ରାଜ୍ୟ ସରକାର ଏଠାରେ ଖଣିଖନନ ଉଦ୍ୟମ କରୁଛନ୍ତି। ପୂର୍ବରୁ ଅନେକ ଥର ଏଭଳି ଉଦ୍ୟମ ହୋଇଛି। ବାଲକୋ ହଟାଓ ଆନ୍ଦୋଳନରୁ ଆରମ୍ଭ କରି ବିଭିନ୍ନ ସମୟରେ ଲୋକେ ଆନ୍ଦୋଳନ କରିଛନ୍ତି। ଏବେ ପୁଣି ଆଦାନୀ ଜମିକିଣା ପ୍ରସଙ୍ଗ ଚର୍ଚ୍ଚାରେ ରହିଛି। ଗନ୍ଧମାର୍ଦ୍ଦନରେ ଖଣିଖନନକୁ ବିରୋଧ ଏବଂ ଏହାର ସବୁଦିନିଆ ସୁରକ୍ଷା ଦାବି ନେଇ ଖପ୍ରାଖୋଲ ଅଫିସ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ୪୫ ଦିନ ଧରି ଆନ୍ଦୋଳନ ଚାଲିଛି। ଆସନ୍ତା ୧୨ ତାରିଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶ ଅନୁଷ୍ଠିତ ହେବ। ଏଥିରେ ପଶ୍ଚିମ ଓଡିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପରିବେଶକର୍ମୀ ଯୋଗଦେବେ। ସରକାର ଦାବି ନ ଶୁଣିଲେ ବଡଧରଣର ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

## ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

ଭବାନୀପାଟଣା,୯।୧(ଉତ୍ତମ କୁମାର ଦାଶ)

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ୨୦୧୯ରେ ହୋଇଥିବା ଜଣେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସ୍ମୃତିଲେଖା ବାରିକ ଏହି ମାମଲାର ୧୬ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ପୀଡିତାଙ୍କ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଓରଫ ପ୍ରଭାତ ଛତ୍ରିଆ (୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ ଜେଲଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କଳାହାଣ୍ଡି ଡିଏଲ୍ଏସ୍ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାବାଳିକାଙ୍କୁ ତାଙ୍କ ଘରୁ ଅପହରଣ କରିନେଇ ରାୟଗଡା ଓ ପରେ ବିଶାଖାପାଟଣାରେ ରଖିଥିଲେ। ଏହି ସମୟରେ ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଗତ ୭ ଜାନୁୟାରୀ ୨୦୧୯ରେ ପୀଡିତାଙ୍କ ବାପା ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

## ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୯।୧(ସୁଶାନ୍ତ ବାରିକ)

ଗୁରୁବାର ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବନାଞ୍ଚଳ ଅଧିକାରୀ ପାଉଲ ହରପାଲଙ୍କ ଅଧ୍ୟକ୍ଷତାରେ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଗ୍ନିଶମ କର୍ମଚାରୀ, କେନ୍ଦୁପତ୍ର ଓ ବନାଞ୍ଚଳ କର୍ମଚାରୀ,ଅଗ୍ନି ନିରାପତ୍ତା ସ୍କ୍ୱାଡ୍, ଗଜସାଥୀ, ବନ୍ୟଜନ୍ତୁ ସୁରକ୍ଷା ସ୍କ୍ୱାଡ୍, ପାରା କର୍ମଚାରୀ ଉପସ୍ଥିତ ରହିଥିଲେ । ଏହାବ୍ୟତୀତ ମୋ ଜଙ୍ଗଲ ଜମି ଯୋଜନାର ସହଯୋଗୀ ଏନଜିଓର ମୁଖ୍ୟ ଏବଂ ଡିଓ ଉପସ୍ଥିତ ରହିଥିଲେ । ଏହି ଅବସରରେ ଚଳିତବର୍ଷ ଗ୍ରୀଷ୍ମଋତୁରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ଆଲୋଚନା ହୋଇଥିଲା । ଜଙ୍ଗଲରେ ନିଆଁ ରୋକିବା ପାଇଁ ବିଭିନ୍ନ ଗାଁକୁ ଯାଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା । ବନ ବିଭାଗ , ଅଗ୍ନିଶମ ଓ କେନ୍ଦୁପତ୍ର ବିଭାଗ ମଧ୍ୟରେ ଉଚିତ ସମନ୍ୱୟ ରକ୍ଷା କରି ଜଙ୍ଗଲରେ ଯେପରି ନିଆଁ ନ ଲାଗିବ ଓ ଲାଗିଥିବା ନିଆଁକୁ ଆୟତ୍ତ କରାଯିବ ସେ ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଅଗ୍ନି ନିରାପତ୍ତା ସ୍କ୍ୱାଡ୍ , ଗଜସାଥୀ ଓ ସମସ୍ତ ୱାଚର ଏକାଠି ହୋଇ ନିଆଁଲିଭା କାର୍ଯ୍ୟ ସମ୍ପାଦନ କରିବାକୁ ବନାଞ୍ଚଳ ଅଧିକାରୀ ମାଗଦର୍ଶନ ଦେଇଥିଲେ । ଉପସ୍ଥିତ ଅଗ୍ନିଶମ କର୍ମଚାରୀ ଜଙ୍ଗଲରେ ନିଆଁ ଲିଭା କୌଶଳ ବତାଇବା ସହ କିପରି ନିଜେ ସୁରକ୍ଷିତ ରହିବେ ସେନେଇ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ।

### ଗାଡି ଧକ୍କାରେ ବୃଦ୍ଧ ଗୁରୁତର

**କୋକସରା,୯।୧ (ଦୁଷ୍ମନ୍ତ କୁମାର ପାଢୋଷୀ):** ୨୬ ନମ୍ବର ଜାତୀୟ ରାଜପଥ ଆମପାଣି ଥାନା ଅନ୍ତର୍ଗତ ଶିଉନି ଗ୍ରାମ ନିକଟରେ ଗୁରୁବାର ଏକ ଅଜଣା ଗାଡି ଧକ୍କାରେ ଶିଉନି ଗ୍ରାମର ଯଦୁ ମାଝୀ (୬୨) ଗୁରୁତର ଅବସ୍ଥାରେ ଦୀର୍ଘ ସମୟ ଧରି ପଡିରହିଥିଲେ। ଆମପାଣି ପୋଲିସ ପହଞ୍ଚି ବୃଦ୍ଧଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଲାଞ୍ଜିଗଡ଼ ଶିଳ୍ପକୁ କଞ୍ଚାମାଲ ଯୋଗାଣ ହେଉ

ଲାଞ୍ଜିଗଡ଼,୯।୧(ରମେଶ ଚନ୍ଦ୍ର ନାୟକ)

- ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର
- କଳାହାଣ୍ଡି ଓ ରାୟଗଡ଼ା ଅଞ୍ଚଳବାସୀଙ୍କ ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ମହିଳା ପୁରୁଷ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଶିଳ୍ପକୁ କଞ୍ଚାମାଲ ଯୋଗାଣ ଦାବିରେ ଗୁରୁବାର କଳାହାଣ୍ଡି ଓ ରାୟଗଡ଼ା ଅଞ୍ଚଳବାସୀ ଲାଞ୍ଜିଗଡ଼ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, କଳାହାଣ୍ଡି ଜିଲାର ଏକମାତ୍ର ବୃହତ୍ ଶିଳ୍ପ ପ୍ରକଳ୍ପ ୨୦୦୩ ମସିହାରୁ ସ୍ଥାପନ ସହ ୨୦୦୭ରୁ ଆଲୁମିନା ଉତ୍ପାଦନ ଆରମ୍ଭ କରିଥିଲା। ୨୨ ବର୍ଷ ପୂରିବାକୁ ବସିଥିବାବେଳେ କମ୍ପାନୀକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଖଣି ଓ କଞ୍ଚାମାଲ ମିଳିନାହିଁ। ଫଳରେ କମ୍ପାନୀ ବାହାରୁ କଞ୍ଚାମାଲ ଆଣି ଲାଞ୍ଜିଗଡ଼ରେ ରିଫାଇନେରି ଚଳାଇଥିବା ବେଳେ ଇତିମଧ୍ୟରେ ପ୍ରକଳ୍ପର ସମ୍ପ୍ରସାରଣ ମଧ୍ୟ କରିସାରିଛି। ତେବେ ବାହାରୁ କଞ୍ଚାମାଲ ଆଣି କମ୍ପାନୀ ଚଳାଇବା ମୁସ୍କିଲ ହୋଇପଡୁଛି। ଏପରି କି କଞ୍ଚାମାଲ ଅଭାବ ଓ ଉତ୍ପାଦନ ଅପେକ୍ଷା ବ୍ୟୟଭାର ବୃଦ୍ଧିପାଇଥିବାରୁ କମ୍ପାନୀ ଚାଲିବା କଷ୍ଟକର ହୋଇପଡିବ। ଫଳରେ କମ୍ପାନୀ ଉପରେ ନିର୍ଭର କରୁଥିବା ପାରିପାର୍ଶ୍ୱିକ ଅଞ୍ଚଳର ଛୋଟ ବ୍ୟବସାୟୀ, କମ୍ପାନୀରେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ପ୍ରଭାବ ପଡିବ। ଅନେକଙ୍କ ଘରେ ଚୁଲି ଜଳିବା କାଠିକର ପାଠ ହୋଇଯିବ। ଏଇ ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ବ୍ଲକ୍‌ର ୨୬ ପଞ୍ଚାୟତ ଓ ରାୟଗଡ଼ା ଜିଲା ମୁନିଗୁଡ଼ା, ଅମ୍ବାଦଳା ଅଞ୍ଚଳର ଲୋକେ ଜୀବନ ଜୀବିକା ବିପନ୍ନ ହେବା ଆଶଙ୍କାରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆରୁ ୪ ହଜାରରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଏକ ଶୋଭାଯାତ୍ରାରେ ବାହାରି ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁର ଯାଇ ବିଡିଓ ଶଶାଙ୍କ ପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କମ୍ପାନୀକୁ ସ୍ଥାୟୀ ଖଣି କିମ୍ବା କଞ୍ଚାମାଲ ଯୋଗାଇଦେଲେ କମ୍ପାନୀ ପୂର୍ବବତ କାର୍ଯ୍ୟକ୍ଷମ ରହିବ ଏବଂ କମ୍ପାନୀ ଉପରେ ନିର୍ଭରଶୀଳ ଲୋକେ ଉପକୃତ ହେବେ ବୋଲି ସେମାନେ ଦର୍ଶାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆ, ଅବିଭକ୍ତ କଳାହାଣ୍ଡି କ୍ଷତ୍ରିୟ ପାଇକ ସମାଜ କୁଳାଧ୍ୟକ୍ଷ ତଥା ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ଚନ୍ଦ୍ରଶେଖର ବେହେରା, ଏମ୍‌ଡି ଆୟୁବ, ନବୀନ ପାତ୍ର, ରାଜେନ୍ଦ୍ର ପ୍ରତାପ ସିଂହଦେଓ, ସୁରେଶ ଅଗ୍ରୱାଲ, ଶ୍ରୀବତ୍ସ ତାଣ୍ଡି, ଶ୍ରୀମୁଖ ଅଗସ୍ତି, ଲିଙ୍ଗରାଜ ମାଝୀ, ହିମାଦ୍ରି ପେସନିଆ, ପ୍ରଦୀପ ଘଡ଼େଇ, ତରୁଣ କୁମାର ଦାସଙ୍କ ସମେତ କଳାହାଣ୍ଡି ଓ ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରୁ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।

## ଆଜିର ଧନୁଯାତ୍ରା କାର୍ଯ୍ୟକ୍ରମ

ତା।୧୦।୧।୨୦୨୫ (ଶୁକ୍ରବାର)

**ମଥୁରାନଗରୀ**

ଶ୍ରୀକୃଷ୍ଣ, ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କ ଗୋପପୁର ଗମନ, ଇନ୍ଦ୍ରଙ୍କ ସହିତ ଯୁଦ୍ଧ ଓ ବନ୍ଦୀ, ଯମପୁର ଆକ୍ରମଣ, କଂସଙ୍କ ନଗର ଭ୍ରମଣ।

**ଗୋପପୁର**

ଶ୍ରୀକୃଷ୍ଣଙ୍କ ଗିରି ଗୋବର୍ଦ୍ଧନ ଧାରଣ, ଅକ୍ରୁରଙ୍କ ଗୋପପୁର ପ୍ରବେଶ, ଯମୁନା ନଈରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦର୍ଶନ, କୃଷ୍ଣ, ବଳରାମଙ୍କ ସହିତ ଅକ୍ରୁରଙ୍କ ସାକ୍ଷାତ।

# ରାଧାକୃଷ୍ଣଙ୍କ ନାବକେଳି, କଂସ ବ୍ୟସ୍ତ ବିବ୍ରତ

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

ମଥୁରାନଗରୀ,୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ଗୁରୁବାର ସପ୍ତମ ଦିବସରେ ସ୍ଥାନୀୟ ମନାବନ୍ଧ (ଜଳାଶୟ)ରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ଅଭିନୀତ ହୋଇଯାଇଛି। ଏକ ଶୋଭାଯାତ୍ରାରେ ରାଧାକୃଷ୍ଣ ମନାବନ୍ଧରେ ପହଞ୍ଚିଥିଲେ। ବାଟରେ ରାଧାକୃଷ୍ଣଙ୍କୁ ସ୍ୱାଗତ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଶୋଭାଯାତ୍ରାରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ ସାମିଲ ହୋଇଥିଲେ। ମନାବନ୍ଧରେ ପହଞ୍ଚିବା ପରେ ରାଧାକୃଷ୍ଣ ସୁସଜ୍ଜିତ ଡଙ୍ଗାରେ ବସିଥିଲେ ଏବଂ ନାଉରିଆ କାତ ମାରି ରାଧାକୃଷ୍ଣଙ୍କୁ ଏହି ଜଳାଶୟର ଚତୁଃପାର୍ଶ୍ୱ ବୁଲାଇଥିଲେ। ଏହି ସମୟରେ ଜଳାଶୟର ଚାରିପାଖ ଲୋକାରଣ୍ୟ ହୋଇପଡ଼ିଥିଲା।



ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି।

ଅନ୍ୟପଟେ ପୂର୍ବଦିନ ଭଳି କଂସ ମହାରାଜ ହାତୀପିଠିରେ ବସି ପାତ୍ରମନ୍ତ୍ରୀଙ୍କ ସହିତ ମଥୁରା ଭ୍ରମଣରେ ବାହାରିଥିଲେ। ଭ୍ରମଣ ସମୟରେ ସେ ସ୍ଥାନୀୟ ଟାଉନ ଥାନାକୁ ଆସିଥିଲେ ଏବଂ ମଥୁରାନଗରୀରେ ବିଗୁଡ଼ୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ଉପସ୍ଥିତ ପୋଲିସ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ସେହିପରି ଶୂନ୍ୟବାଣୀ ଶୁଣିବା ପରଠାରୁ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିବା ମହାରାଜ କଂସ ହାଟପଦାସ୍ଥିତ ଦୁର୍ଗା ମନ୍ଦିରକୁ ଯାଇଥିଲେ ଏବଂ ସେଠାରେ ଦୁର୍ଗାସ୍ତୁତି କରିଥିଲେ। ପରେ ରାଜ ଦରବାରକୁ ଯାଇ ନ୍ୟାୟ ବିଚାର କରିଥିଲେ। ଏହାସହିତ ବିଭିନ୍ନ ସାଂସ୍କୃତିକ ଦଳର ନାଚଗୀତରେ କଂସ ନିଜ ଅଶାନ୍ତ ମନକୁ ଶାନ୍ତ କରିଥିଲେ।

## ସଂକ୍ଷେପରେ

### ଟ୍ରକକୁ ପଛପଟୁ ଧକ୍କା ଦେଲା କୋର୍ଟ ଭ୍ୟାନ୍

**ଅଳ୍ପକେ ବର୍ତ୍ତିଲେ ୧୦ରୁ ଅଧିକ ମୁଦାଲା**



**କନ୍ଧମାଳ,୯।୧ ( ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲା ମନମୁଣ୍ଡା ଗାନ୍ଧିଛକରେ ଗୁରୁବାର ଦିନ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକର ପଛପଟେ କୋର୍ଟ ଭ୍ୟାନ୍ ଧକ୍କା ଦେବା ଫଳରେ ୧୦ରୁ ଅଧିକ ମୁଦାଲା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୂର୍ବାହ୍ନ ୧୦ଟାରେ ବୌଦ୍ଧ ଜିଲା କାରାଗାରରୁ କୋର୍ଟ ଭ୍ୟାନ୍‌ଟି ୧୦ରୁ ଅଧିକ ମୁଦାଲାଙ୍କୁ ଧରି କନ୍ଧମାଳ କୋର୍ଟ ଅଭିମୁଖେ ଯାଉଥିବା ବେଳେ ସୋନପୁର ପଟୁ ଆସୁଥିବା ଏକ ଟ୍ରକ ପଛରେ ଧକ୍କା ଦେଇଥିଲା। ଜଣେ ମୁଦାଲା ଓ ଜଣେ ପୋଲିସ କର୍ମଚାରୀ ସାମାନ୍ୟ ଆହତ ହୋଇଥିଲେ । ସେମାନଙ୍କୁ ମନମୁଣ୍ଡା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପାଇଥିଲା । ଖବରପାଇ ମନମୁଣ୍ଡା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତ ଶାନ୍ତ ପଡିଥିଲା । ମନମୁଣ୍ଡା ପୋଲିସ ଗାଡିରେ ପରେ ମୁଦାଲାମାନଙ୍କୁ କନ୍ଧମାଳ କୋର୍ଟକୁ ନିଆଯାଇଥିଲା ।

# ବାଲ୍ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ମଥୁରାନଗରୀ,୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଗୁରୁବାର ସନ୍ଧ୍ୟାରେ ବାଲ୍ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଧନୁଯାତ୍ରା ଭଳି ବାଲ୍ ଧନୁଯାତ୍ରାରେ ମଧ୍ୟ କଂସ ରାଜୁତି ଆରମ୍ଭ ହୋଇଛି। କଂସ ସମେତ ଅନ୍ୟ ଚରିତ୍ର ଗୁଡ଼ିକରେ ବିଦ୍ୟାଳୟର




ବାଲ୍ ଧନୁଯାତ୍ରା ମହୋତ୍ସବରେ ଛାତ୍ରୀମାନଙ୍କ ଦୃଶ୍ୟାଭିନୟ।

୩୨ଛାତ୍ରୀ ଚିତ୍ତାକର୍ଷକ ଅଭିନୟ କରୁଛନ୍ତି। ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ବାଲ୍ ଧନୁଯାତ୍ରା ମାଧ୍ୟମରେ ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ସଚେତନତା ସୃଷ୍ଟି କରିବା ଏହି ମହୋତ୍ସବର ଉଦ୍ଦେଶ୍ୟ ରହିଛି। ନାଟ୍ୟକାର ନକୁଳ ବାଦୀ ଶିଶୁ କଳାକାରମାନଙ୍କୁ ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ।

### ଭିଣୋଇଙ୍କୁ ହତ୍ୟା, ଶାଳକ ଗିରଫ

**ମଥୁରାନଗରୀ,୯।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ଅନ୍ତର୍ଗତ ମଙ୍ଗଳାଝୁମ୍ପୁଡ଼ି ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା। ହତ୍ୟାକାଣ୍ଡରେ ଉକ୍ତ ପଡ଼ାର ଶଙ୍କର ଦାସଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଡାକ୍ତରଖାନାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ଜବତ ସହିତ ଅଭିଯୁକ୍ତ ତଥା ମୃତକଙ୍କ ଶାଳକ ଲିପନ ମହାନନ୍ଦଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ଶଙ୍କର ଏବଂ ତାଙ୍କ ଶାଳକ ଲିପନଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଲିପନ ଏକ ଛୁରିରେ ଶଙ୍କରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଶଙ୍କରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କୃଷକ ସଙ୍ଗଠନର ମଣ୍ଡି ପରିଦର୍ଶନ

ପଦ୍ମପୁର,୯।୧ (ପ୍ରଦୀପ୍ତ ଦାଶ)

ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ପଦ୍ମପୁର, ପାଇକମାଳ, ଝାରବନ୍ଧ ବ୍ଲକର ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଅତାବିରା ଆର୍‌ଏମ୍‌ସିରେ ୧୮ଲକ୍ଷ ୩୪ ହଜାର କୁଇଣ୍ଟାଲ ଧାନ କିଣାଯାଇଥିବା ବେଳେ ବରଗଡ଼ ଆର୍‌ଏମ୍‌ସିରେ ୧୯ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣାଯାଇଥିବା ଜଣାପଡିଥିଲା। ପଦ୍ମପୁର ଆର୍‌ଏମ୍‌ସିରୁ ମାତ୍ର ୧୭ଲକ୍ଷ ୭୩ହଜାର କୁଇଣ୍ଟାଲ ଧାନ କିଣାଯାଇଛି ଯାହା ୬୦ ପ୍ରତିଶତ ହେବ। ୭୦ରୁ ଊର୍ଦ୍ଧ୍ୱ ମଣ୍ଡିରେ ୧୦ରୁ ୧୫ ହଜାର ପ୍ୟାକେଟ ଧାନ ପଡିରହିଛି। ଏସବୁ ଆର୍‌ଏମ୍‌ସିରେ ମୋଟ୍ ୮ ଲକ୍ଷ ୪୧ହଜାର ୭୦୪ ପ୍ୟାକେଟ ଧାନ ପଡିରହିଥିବା ଜଣାପଡିଛି। ରବି ଧାନ ଚାଷ କରିବା ପାଇଁ ପହ୍ଲା ହୋଇଗଲାଣି। ସ୍ଥାନେ ସ୍ଥାନେ ରୁଆ ଆରମ୍ଭ ହୋଇଗଲାଣି। କିନ୍ତୁ ଚଳିତ ବର୍ଷର ଧାନ ବିକ୍ରି ସମ୍ପୂର୍ଣ୍ଣ ହୋଇପାରିନାହିଁ। ସରକାରୀ ଅଧିକାରୀମାନେ ଏଫ୍‌ଏକ୍ୟୁ ଧାନରେ କଟନୀ ହେଉନାହିଁ ବୋଲି କହୁଥିବା ବେଳେ ବସ୍ତା ପ୍ରତି ୨କେଜି ଧାନ କଟାଯାଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ପଦ୍ମପୁର ଅଞ୍ଚଳବାସୀଙ୍କ ପ୍ରତି ଏପରି ବୈମାତୃକ ମନୋଭାବ ଯୋଗୁ ଚାଷୀ ସଙ୍ଗଠନ କ୍ଷୋଭ ପ୍ରକାଶ କରିବା ସହିତ ଆସନ୍ତା ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପାଇଁ ନିଷ୍ପତ୍ତି ନେଇଛି। ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ରାଜବୋଡାସମ୍ବର କୃଷକ ସଙ୍ଗଠନର ରୋହିତ ପଧାନ, ସୁବାସ ସାମନ୍ତରାୟ, କାହ୍ନୁ ଚରଣ ମେହେର, ବିଜୟ ସାହୁ, କରମଚାନ୍ଦ ମଗର, ଧର୍ମେନ୍ଦ୍ର ସାହା, ଅଶୋକ ସାହୁ, ପ୍ରମୋଦ ରାୟ, ହେମସାଗର ପଟେଲ, ଢୁଳାରାମ ପଧାନ, ମହେନ୍ଦ୍ର ସାହୁ ଏବଂ ରମେଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ସୋହେଲା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସୋହେଲା,୯।୧(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତ ୬ତାରିଖ ସକାଳେ ଛାତ୍ରମାନେ ସୋହେଲା ଦୁର୍ଗାମନ୍ଦିରରୁ ମଶାଲ ଆଣି ସ୍ଥାପନ କଲା ପରେ କଲେଜ ଅଧକ୍ଷ ଡ଼ ରବୀନ୍ଦ୍ର ମିଶ୍ର କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଉଚ୍ଚ ମାଧ୍ୟମିକ ବିଭାଗର ପ୍ରତଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରୀ ଅଙ୍କିତା ସାହୁ ଏବଂ ଛାତ୍ର ଉମେଶ ଭୁଏ ବ୍ୟକ୍ତିଗତ ଚାମ୍ପିୟନ ହୋଇଥିଲେ। ଦ୍ୱିତୀୟ ଦିବସରେ ଡିଗ୍ରୀ ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ନିମା କାଣ୍ଡ ଓ ଛାତ୍ର ଲମ୍ବୋଦର ଭୁଏ ବ୍ୟକ୍ତିଗତ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ସୁଦାମ ବାରିକ, ତୁଳସୀ ପଧାନ, ସୁଶାନ୍ତ ସାହୁ, ସୁଶିଲ ଚାନ୍ଦ ପ୍ରତିଯୋଗିତା ପରିଚାଳନା କରିଥିଲେ। ଡାକ୍ତର ଶିଶିର କୁମାର ସାହୁ, ଅନିଲ ପଧାନ ଭିନ୍ନ ଭିନ୍ନ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ, ପ୍ରଦୀପ ବିଶ୍ୱାଳ, ସୁରେନ୍ଦ୍ର ସାହୁ, ଆଦିତ୍ୟ ଖମାରୀ, ପ୍ରତାପ ମିଶ୍ର, ସୁଦାମ ସାହୁ, ଗଣେଶ ମିର୍ଦ୍ଧା, ଅନିଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶଶିକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜନକ ସାହୁ ଭାଜପା ଦହିତା ମଣ୍ଡଳ ସଭାପତି ମନୋନୀତ

**ପଦ୍ମପୁର,୯।୧ (ପ୍ରଦୀପ୍ତ ଦାଶ):** ରାଜ୍ୟ ଭାଜପା ପକ୍ଷରୁ ଏମ୍‌ପି ପ୍ରଦୀପ ପୁରୋହିତ ଓ ବରିଷ୍ଠ ନେତା ଗୋବର୍ଦ୍ଧନ ଭୁଏଙ୍କ ଅନୁମୋଦନ କ୍ରମେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ଦହିତା ମଣ୍ଡଳ ସଭାପତି ଭାବେ ଜନକ ସାହୁଙ୍କୁ ମନୋନୀତ କରାଯାଇଛି। ଜନକ ପୂର୍ବରୁ ଭାଜପା କାର୍ଯ୍ୟକର୍ତ୍ତା ଭାବେ ଦହିତା ଅଞ୍ଚଳର ଲୋକମାନଙ୍କ ସମସ୍ୟା ଉପସ୍ଥାପନ କରିଆସୁଥିଲେ। ସେ ଦହିତା ମଣ୍ଡଳ ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଭାଜପା କର୍ମୀ, ନେତା ଶୁଭେଚ୍ଛା ଜଣାଇଛନ୍ତି।

# ପକ୍ଷୀ ସଂରକ୍ଷଣକୁ ଗୁରୁତ୍ୱ

ମଥୁରାନଗରୀ,୯।୧(ପ୍ରେମାନନ୍ଦ ଖମାରୀ)

ପକ୍ଷୀ ସଂରକ୍ଷଣ ପାଇଁ ଛାତ୍ରାବସ୍ଥାରୁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଜନତା ହାଇସ୍କୁଲରେ ବୁଧବାର ଜାତୀୟ ପକ୍ଷୀ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଜାତୀୟ ପକ୍ଷୀ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ପରିସଂସ୍ଥାରେ ପକ୍ଷୀ ଜଗତ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ମଞ୍ଜୁ ନାୟକ ପ୍ରଥମ, ନୈନାଶ୍ରୀ ପ୍ରଧାନ ଦ୍ୱିତୀୟ ଏବଂ ପ୍ରିୟଦର୍ଶିନୀ ଦେହେରୀ ତୃତୀୟ ହୋଇଥିଲେ। ପ୍ରଧାନ ଶିକ୍ଷକ ପକ୍ଷୀ ସଂରକ୍ଷଣର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଇକୋ କ୍ଲବ ମାଷ୍ଟର ଟ୍ରେନର ଖମାରୀ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ପକ୍ଷୀମାନଙ୍କ ବାସସ୍ଥାନ, ଖାଦ୍ୟ ସଂଗ୍ରହ, ବସା ନିର୍ମାଣ ଶୈଳୀ, ପକ୍ଷୀମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଶକ୍ତି କ୍ଲବ, ମାନକ କ୍ଲବର ସଦସ୍ୟଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଅନୀତା ପ୍ରଧାନ, ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ଅଙ୍କିତ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶ୍ରୀପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜନତା ହାଇସ୍କୁଲରେ ଜାତୀୟ ପକ୍ଷୀ ଦିବସ ପାଳନ କରାଯାଉଛି ।

### ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ବାର୍ଷିକ ପୂଜା

**ପାଇକମାଳ,୯।୧(ବଡ ଶତପଥୀ):** ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥ ପୀଠରେ ଗୁରୁବାର ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରଦ୍ଧାଳୁମାନେ କଳସଗୁଡ଼ିକୁ ଶୋଭାଯାତ୍ରାରେ ଆଣି ଦେବୀ ପୀଠରେ ସ୍ଥାପନ କରିଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ଗଜରାଜ ସିଂ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ କ୍ଷିତରାଜ ଗଏଁତା ପରିଚାଳନା କରିଥିଲେ। କାର୍ଯ୍ୟକର୍ତ୍ତା ଦୁର୍ଯ୍ୟୋଧନ ପୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଦ୍ମପୁର, ପାଇକମାଳ, ଝାରବନ୍ଧ ଆଦି ଅଞ୍ଚଳର ଗୋଣ୍ଡ ସମାଜର ବରିଷ୍ଠ କର୍ମକର୍ତ୍ତା, ମହିଳାପୁରୁଷ ଯୋଗ ଦେଇଥିଲେ। ଏହାପରେ ସମାଜର ରୀତିନୀତି, ସାମାଜିକ ଚାଲିଚଳଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ ପ୍ରଥା, ନିଶା ନିବାରଣ ଆଦି ଉପରେ ଆଲୋଚନା କରାଯାଇଥିଲା। ରଞ୍ଜନ ମାଝୀ, ରୂପଧର ନାଏକ, ଚିତ୍ତ ରଞ୍ଜନ ପୋରେଟା ମଞ୍ଚାସୀନ ଥିଲେ। ଜୟ ସିଂ ଦାଉ ଧନ୍ୟବାଦ ଅର୍ପଣ କରିଥିଲେ।

# ରିହାତିରେ ବାଉଁଶ ଯୋଗାଇଦେବାକୁ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ




ବାଉଁଶ କାରିଗରଙ୍କ ପକ୍ଷରୁ ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଉଁଶୁଣୀ,୯।୧(ଦେବାଶିଷ ନେପାକ)

ଗୁରୁବାର ବୌଦ୍ଧ ବ୍ଲକ ବାଉଁଶୁଣୀ ବୈଦ୍ୟନାଥପୁର ଗ୍ରାମର ବାଉଁଶ କାରିଗରମାନେ ବାଉଁଶ ଯୋଗାଇ ଦେବା ଦାବିରେ ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବୈଦ୍ୟନାଥପୁର ଗ୍ରାମର ବେତ୍ରା ସମ୍ପ୍ରଦାୟର ଲୋକେ ବାଉଁଶ କାମକୁ କୌଳିକ ବୃତ୍ତି କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ପୂର୍ବପରି ଆଉ ବାଉଁଶ ମିଳୁ ନ ଥିବା ଯୋଗୁ ସେମାନଙ୍କ ଜୀବିକା ବିପନ୍ନ ହୋଇ ପଡ଼ିଥିବା ଅଭିଯୋଗ କରି ରିହାତି ଦରରେ ବାଉଁଶ ଯୋଗାଣ କରିବାକୁ ଦାବି କରିଥିଲେ। ବନଖଣ୍ଡ ଅଧିକାରୀ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି ।

### ଲିଟିଲ ମାଷ୍ଟର କପ୍ ଫାଇନାଲରେ ମେହେର ସୁପର ଷ୍ଟାର ବିଜୟୀ

**ବାଉଁଶୁଣୀ,୯।୧(ଦେବାଶିଷ ନେପାକ):** ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳପଡିଆଠାରେ ୬ ଦିନ ଧରି ଚାଲିଥିବା ଲିଟିଲ ମାଷ୍ଟର କପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ମେହେର ସୁପର ଷ୍ଟାର ବୌଦ୍ଧ ଓ ବିଲାସପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସରୋଜ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀତମ ଡାଙ୍ଗ, ପୂର୍ବତନ ଖେଳାଳି ପ୍ରୀତିଶ ପାତ୍ର, ଅଶିତ ଡାଙ୍ଗ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳ ୩ ଗୋଟି ଫର୍ମାଟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମେହେର ସୁପର ଷ୍ଟାର ବୌଦ୍ଧ ଦଳ ୧୨ ଓଭର ଖେଳି ୧୫୪ ରନ କରିଥିଲେ । ଜବାବରେ ବିଲାସପୁର ଦଳ ୫୦ ରନ କରି ପରାଜିତ ହୋଇଥିଲେ । ଦ୍ୱିତୀୟ ଫର୍ମାଟରେ ପ୍ରଥମେ ମେହେର ସୁପର ଷ୍ଟାର ଦଳ ୧୦ ଓଭର ଖେଳି ୧୨୧ ରନ କରିଥିଲେ। ଜବାବରେ ବିଲାସପୁର ଦଳ ୭୦ ରନ କରି ପରାଜିତ ହୋଇଥିଲେ । ଦୁଇ ଗୋଟି ଫର୍ମାଟରେ ମେହେର ସୁପର ଷ୍ଟାର ବିଜୟୀ ହେବା ସହ ଫାଇନାଲରେ ବିଜୟୀ ହୋଇଥିଲା। ଖେଳକୁ ହଳଧର ଦନାୟକ ,ଜିତେଶ ପ୍ରମୁଖ ପରିଚାଳନା କରିଥିଲେ। ବିଜୟୀ ମେହେର ସୁପର ଷ୍ଟାର ଦଳକୁ ମୁଖ୍ୟଅତିଥି ୧୫ ହଜାର ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବେଷ୍ଟ ଭଲେନ୍‌ଟିୟର ଭାବେ ରାଜା, ଜିତେଶ ବେହେରା ଓ ହଳଧର ଦନାୟକ ବେଷ୍ଟ ଅମ୍ପେୟାର , ମ୍ୟାନ ଅଫ୍ ଦି ମ୍ୟାଚ୍ ଚନ୍ଦନ, ମ୍ୟାନ୍ ଅଫ୍ ଦି ସିରିଜ ଭାବେ ଚନ୍ଦନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ସୋହେଲା,୯।୧(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁରେନ୍ଦ୍ର ମେହେର ଅଧକ୍ଷତା କରିଥିଲେ। ତହସିଲଦାର ଶୁଭରଞ୍ଜନ ନାୟକ, ବିଏସ୍‌ଏସ୍‌ଓ ହରେକୃଷ୍ଣ ମହାପାତ୍ର, ଡାକ୍ତର ଶିଶିର କୁମାର ସାହୁ, ଗିରିଜା ଶଙ୍କର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ସାଧାରଣତନ୍ତ୍ର ଦିବସକୁ ଭବ୍ୟ ପାଳନ କରିବାକୁ ଆଲୋଚନା କରାଯାଇଥିଲା। ପ୍ରଭାତ ଫେରି, ପତାକା ଉତ୍ତୋଳନ, ପରେଡ୍, ପ୍ରତିଯୋଗିତା, ପୁରସ୍କାର, ସାଂସ୍କୃତିକ କାର୍ଯ୍ୟକ୍ରମ, ମିଷ୍ଟାନ୍ନ ବଣ୍ଟନ ବିଷୟରେ ଆଲୋଚନା କରାଯାଇ ଦାୟିତ୍ୱ ବଣ୍ଟନ ହୋଇଥିଲା। ସୋହେଲା ଜେଲ ଅଧୀକ୍ଷକ, ପୋଲିସ, ବ୍ଲକ କର୍ମଚାରୀ, ଓକିଲ ସଂଘ, ଶିକ୍ଷା ବିଭାଗ, ଶିକ୍ଷାନୁଷ୍ଠାନର ପ୍ରତିନିଧିଙ୍କ ସମେତ ସୁଶାନ୍ତ ମିଶ୍ର, ଅନିଲ ପଧାନ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଆଲୋଚନା ଚାଲିଛି।

# ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

ଖୁଣ୍ଟିଗୋରା,୯।୧(ମକରନ୍ଦ ସାହୁ)




ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଖୁଣ୍ଟିଗୋରା ଜଗନ୍ନାଥ ମନ୍ଦିରରେ ଗ୍ରାମ ମୁଖିଆ ନରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ମନ୍ଦିର ପୂଜକ ପଣ୍ଡିତ ଜୟରାମ ପାଣିଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ସମାପନ ହୋଇଥିଲା । ପରେ ଆଜ୍ଞାମାଳ ଆଣି ଘଣ୍ଟ, ବାଦ୍ୟ ମୃଦଙ୍ଗ ଓ ସଂକୀର୍ତ୍ତନ ତାଳେ ତାଳେ ମଶାଲ ଶୋଭାଯାତ୍ରା ବାହାରି ଥିଲା । ଖୁଣ୍ଟିଗୋରା ଓ ଗୁଡ଼ିପଡ଼ା, ଟିକିରିପଡ଼ା, ସିନ୍ଧୁଗୋରା ବନ୍ଧଗୋରା ଗ୍ରାମବାସୀ କଳସ ସ୍ଥାପନ କରି ମଶାଲକୁ ପୂଜା ଅର୍ଚ୍ଚନା ପୂର୍ବକ ସ୍ୱାଗତ କରିଥିଲେ । ଏହି ସମୟରେ ହୁଳହୁଳି ଓ ହରିବୋଲ ଧ୍ୱନିରେ ଗାଁ ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଧବଳେଶ୍ୱର ମନ୍ଦିରରେ ପହଞ୍ଚି ପୂଜା ଅର୍ଚ୍ଚନା କରାଯାଇଥିଲା । ଏହାପରେ ମହୋତ୍ସବ ମଣ୍ଡପରେ ପଣ୍ଡିତ ରାଜାରାମ ଦାଶଙ୍କ ପୌରୋହିତ୍ୟରେ ମଶାଲ ସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ସୁମିତ୍ରା ସାହୁ, ଶିକ୍ଷାବିତ କାର୍ତ୍ତିକେଶ୍ୱର ବେହେରା, ଲଣ୍ଡାଗାଁ ସରପଞ୍ଚ ତୁଳସୀ ଝାଙ୍କର, ଆମଗାଁର ପ୍ରତିମା ରଣା, କୁଲୁତାଜୋର ସରପଞ୍ଚ ଚୁମକି ଭୋଇ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ଉଡେର ଗ୍ରାମ ମୁଖିଆ ପୀତାମ୍ବର ଭୋଇ, ସମାଜିକ କର୍ମୀ ପ୍ରେମରାଜ ରଣା, ପ୍ରଶାନ୍ତ ରଣା, ସୁନିଲ ସାହୁ, ଅଭିରାମ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବ କମିଟି ଆବାହକ ଧିରୋଜ ଭୋଇ, ସଭାପତି ମନୋଜ ଦାଶ, ସମ୍ପାଦକ ଭକ୍ତ ସାହୁ, କମିଟିର ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ, ମାନବସେବା ସଦନ ସଂଗଠନର ସଦସ୍ୟ ଏବଂ ପୋଲିସ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବାଇକ୍ ପୋଡ଼ି: ୨ ଯୁବକଙ୍କ ନାମରେ ମାମଲା

ବଡ଼ଗାଁ,୯।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ବସ୍‌ଷ୍ଟାଣ୍ଡ ରାସ୍ତା ପାର୍ଶ୍ୱରେ ବାଇକ୍ ରଖି ବଜାର କରୁଥିବାବେଳେ ୨ଜଣ ଯୁବକ ତାହାକୁ ଲୁଚାଇ ନେଇ ସ୍ଥାନୀୟ କନ୍ୟାଶ୍ରମ ପଛପଟ ଜଙ୍ଗଲରେ ପୋଡ଼ିଦେଇଥିଲେ। ଏହି ଘଟଣା ପ୍ରତ୍ୟକ୍ଷଦର୍ଶୀ ଓ ସିସିଟିଭି କ୍ୟାମେରାରେ ଜଣାପଡ଼ିବା ପରେ ପାମରା ଗ୍ରାମର ଦିବ୍ୟ ରୋହିଦାସ ଓ ଦୀପକ ରୋହିଦାସଙ୍କ ନାମରେ ଥାନା କେସ୍ ନମ୍ବର ୪/୨୫ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗରଗଡ଼ବାହାଲ ନିକଟ ଜରକାପଡାର ଯଶୋବନ୍ତ ବେହେରା ଓ ତାଙ୍କ ସ୍ତ୍ରୀ ତୁଡ଼ାଲଗା ବସ୍‌ଷ୍ଟାଣ୍ଡକୁ ୪ ତାରିଖ ସନ୍ଧ୍ୟାରେ ବଜାର କରିବା ପାଇଁ ଆସିଥିଲେ। ବାଇକ୍‌କୁ ବସ୍‌ଷ୍ଟାଣ୍ଡ ରାସ୍ତାପାର୍ଶ୍ୱରେ ରଖି ଦୋକାନ କରି ଫେରିବା ପରେ ବାଇକ୍ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ପରେ ଯଶୋବନ୍ତ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ସେହି ସ୍ଥାନରେ ଥିବା ଏକ ସିସିଟିଭି କ୍ୟାମେରା ଓ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସ୍ପଷ୍ଟ ହେଲା ପରେ ପୋଲିସ ମାମଲା ରୁଜୁ କରିଛି। ଉଭୟ ଯୁବକ ଫେରାର ଥିବା ସୂଚନା ମିଳିଛି।

# ରକ୍ଷଣାବେକ୍ଷଣ ଅଭାବ, ନଷ୍ଟ ହେଉଛି ସୌନ୍ଦର୍ଯ୍ୟକରଣ

ରାଉରକେଲା,୯।୧(ଦିନେଶ ମିଶ୍ର)

ସ୍ମାର୍ଟସିଟି ରାଉରକେଲାରେ ରକ୍ଷଣାବେକ୍ଷଣ ଅଭାବରୁ ବହୁ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନଷ୍ଟ ହେବାରେ ଲାଗିଛି। କୋଟି କୋଟି ଟଙ୍କାରେ ନିର୍ମିତ ଏହି ପ୍ରକଳ୍ପ ଗୁଡିକ ଦିନକୁ ଦିନ ଶ୍ରୀହୀନ ହୋଇ ପଡୁଛି। ଏଭଳି ଦୃଶ୍ୟ ହନୁମାନ ବାଟିକା ଛକ, ପାୱାର ହାଉସ୍‌ରୋଡ ଛକ, ଆମ୍ରାଗାନ ଛକ, ଛେଣ୍ଡ ଛକ ଭଳି ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

୨୦୨୩ ଜାନୁଆରୀ ମାସରେ ରାଉରକେଲା ସହରରେ ହକି ବିଶ୍ୱକପ୍ ଆୟୋଜନକୁନେଇ କୋଟିକୋଟିଟଙ୍କାରେ ବିଭିନ୍ନ ଷ୍ଟାଚ୍ୟୁଠାରୁ ଆରମ୍ଭ କରି ୱାଟର ଫାଉଣ୍ଟେନ ପ୍ରକଳ୍ପମାନ କରାଯାଇଥିଲା। ଏଥିସହ ରାଉରକେଲା ରିଂରୋଡ୍‌କୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ସାଙ୍ଗକୁ ବିଭିନ୍ନ କାନ୍ଥବାଡରେ ଓଡ଼ିଶାର ସଂସ୍କୃତି, ଦେବଦେବୀଙ୍କ ସମେତ ଖେଳାଳିମାନଙ୍କ ଚିତ୍ର କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଉରକେଲା ସ୍ମାର୍ଟସିଟି (ଆରଏସ୍‌ସିଏଲ) ଓ ଆରଏମ୍‌ସି ପକ୍ଷରୁ ମିଳିତ ଭାବେ କରାଯାଇଥିଲା। ସହରର ପ୍ରବେଶ ପଥ ପାନପୋଷ ଛକଠାରୁ ଆରମ୍ଭ କରି ଛେଣ୍ଡ ମୁଖ ମାର୍ଗ, ବିଏସ୍‌ଏନ୍‌ଏଲ ଭଳି ୧୬ଟି ଛକରେ ସ୍ୱତନ୍ତ୍ର ଭାସ୍କର୍ଯ୍ୟ ସ୍ଥାନ ପାଇଥିଲା। ସେଲ୍‌ଫି ପଏଣ୍ଟ ସହିତ ଆଇ ଲଭ୍ ୟୁ ରାଉରକେଲା ଲିଖିତ ସାଇନବୋର୍ଡ ସହରବାସୀଙ୍କୁ ଆକୃଷ୍ଟ କରୁଥିଲା। ଏହିସବୁ ସୌନ୍ଦର୍ଯ୍ୟକରଣ ଯୋଗୁ ରାଉରକେଲାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ମାତ୍ର କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏହିସବୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବର୍ତ୍ତମାନ ଶ୍ରୀହୀନ ହୋଇ ପଡିରହିଛି। କେଉଁଠି ରାସ୍ତା କଡ ୱାଟର ଫାଉଣ୍ଟେନ ପ୍ରକଳ୍ପ ଭାଙ୍ଗି ପଡିଛି ତ ଆଉ କେଉଁଠି ଷ୍ଟାଚ୍ୟୁଗୁଡିକ ତଳେ ଗଳି ପଡିଛି। ଆଇ ଲଭ ୟୁ ସେଲ୍‌ଫି ଷ୍ଟାଚ୍ୟୁ ପଏଣ୍ଟରେ ଲାଇଟ୍ ଜଳୁନି।



ଭଗ୍ନ ଅବସ୍ଥାରେ ପଡିଥିବା ୱାଟର ଫାଉଣ୍ଟେନ।

କାନ୍ଥରେ ଚିତ୍ରିତ ଓଡ଼ିଶାର କଳା ସଂସ୍କୃତିର ଗାରିମା ଗାଥା ଲିଭିଯାଇଛି। ସହରରେ ବର୍ତ୍ତମାନ ହକି ଇଣ୍ଡିଆ ଲିଗ୍ ମ୍ୟାଚ ଚାଲିଥିବାବେଳେ ବିଶ୍ୱକପ୍ ସମୟର ସୌନ୍ଦର୍ଯ୍ୟକରଣ ବର୍ତ୍ତମାନ ମଳିନ ପଡିଯାଇଛି। ରାଉରକେଲା ପ୍ରବେଶ ପଥ ହକି ଛକରେ କିଛି ରଙ୍ଗୀନ ଆଲୋକ ଜଳୁନାହିଁ। ଆରଏମ୍‌ସି ଗେଟ୍ ସମ୍ମୁଖରେ ଲାଗିଥିବା ରଙ୍ଗୀନ ୱାଟର ଫାଉଣ୍ଟେନ ପ୍ରକଳ୍ପ ଭଗ୍ନ ଅବସ୍ଥାରେ ପଡିରହିଛି। ସେହିଭଳି ପାୱାରହାଉସ୍ ରୋଡ୍ ଛକରେ ଥିବା ଗାନ୍ଧୀଜୀଙ୍କ ୩ ମାଙ୍କଡଙ୍କ ପ୍ରତିମୂର୍ତ୍ତି ଗଳି ପଡିଥିବାବେଳେ ବିମାନବନ୍ଦର ନିକଟ ହକି ସ୍ମାରକୀସ୍ଥଳ ଆଲୋକୀକରଣରେ ବ୍ୟବସ୍ଥା ଦେଖାଦେଇଛି। ସେହିଭଳି ଛେଣ୍ଡ କଲୋନୀ ପ୍ରବେଶ ପଥରେ ସ୍ଥାପନ କରାଯାଇଥିବା ବିଭିନ୍ନ କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ତଥା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ସାମଗ୍ରୀଗୁଡିକର ରଙ୍ଗ ଛାଡିଗଲାଣି। ଏ ନେଇ ରାଉରକେଲା ଏଡିଏମ୍ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ନିର୍ମାଣ ହୋଇଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟଗୁଡିକ କେଉଁ କେଉଁ ସ୍ଥାନରେ କିଭଳି ପରିସ୍ଥିତିରେ ରହିଛି ତାକୁ ଆମେ ପ୍ରଥମେ ଅନୁଧ୍ୟାନ କରିବୁ। ଏକ ସ୍ୱତନ୍ତ୍ର ଟିମ୍ ଗସ୍ତ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବେ। ପରେ ଏହାର ପୁନରୁଦ୍ଧାର କରିବା ପାଇଁ ଚେଷ୍ଟା କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

# ନକଲି ହଲ୍ ମାର୍କ ସୁନା ବିକି ବେପାରୀ ଗିରଫ


ଗିରଫ ଅଭିଯୁକ୍ତ ।


ଜବତ ନକଲି ସୁନାଗହଣା।

ରାଉରକେଲା,୯।୧(ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାରେ ନକଲି ସୁନାଗହଣା ବିକିବା ଅଭିଯୋଗରେ ବାହାର ରାଜ୍ୟର ଜଣେ ବେପାରୀଙ୍କୁ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଅଭିଯୁକ୍ତ ହେଲେ ରାଞ୍ଚି ଶିବ ନଗରର ଅଞ୍ଚଳର ସନ୍ତୋଷ ସାଓ(୩୯)। ତାଙ୍କଠାରୁ ୨୫ ଗ୍ରାମ ନକଲି ସୁନା, ୨୫୦ ଗ୍ରାମ ନକଲି ରୂପା ଓ ୨୦ ହଜାର ନଗଦ ଟଙ୍କା ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୨୧/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ବୁଧବାର ପୂର୍ବାହ୍ନରେ ଜଣେ ବ୍ୟକ୍ତି କିଛି ସୁନାଗହଣା ଧରି ରାଉରକେଲା ମେନ୍ ରୋଡ୍ ସ୍ଥିତ ରୟ ପ୍ରସାଦଙ୍କ ଜୁଏଲାରୀ ଦୋକାନକୁ ଆସିଥିଲେ ଏବଂ କିଛି ସୁନାଗହଣା ବିକିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଦୋକାନ ମାଲିକ ରୟ ଗହଣା ଗୁଡ଼ିକୁ ପରୀକ୍ଷା କରି ନକଲି ବୋଲି ଜାଣିବାକୁ ପାଇଥିଲେ। ଏପରିକି ଉକ୍ତ ହଲ୍‌ମାର୍କର ଷ୍ଟିକରିଂକୁ ନକଲି ଗହଣାରେ ଲଗାଇ କୁଆଡେ ଉକ୍ତ ବ୍ୟକ୍ତି ବିକିବାକୁ ଚେଷ୍ଟା କରିଥିଲେ। ଏହାକୁ ଯାଞ୍ଚ କରିବା ପରେ ତାଙ୍କଠାରୁ ସୁନା କିଣିବା ପାଇଁ ରୟ ମନା କରିଦେଇଥିଲେ। ଏ ସମ୍ପର୍କରେ ଜୁଏଲାରୀ ଦୋକାନୀ ସ୍ୱର୍ଣ୍ଣକାର ସଂଘ ୱାଟ୍ସଆପ୍ ଗ୍ରୁପ୍‌ରେ ତଥ୍ୟ ପ୍ରଦାନ କରିଥିଲେ। ଏହି ସମୟରେ ଅଭିଯୁକ୍ତ ସୁଯୋଗ ନେଇ ଏକ ସାଢ଼େ ୬ ଗ୍ରାମ ଓଜନର ସୁନା ମୁଦି ଚୋରି କରିଥିଲେ। ଦୋକାନର ଷ୍ଟକ ଯାଞ୍ଚ ସମୟରେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା ବୋଲି ଏତଲାରେ ଉଲ୍ଲେଖ ରହିଛି। ଏହାପରେ ଉକ୍ତ ବ୍ୟକ୍ତି ମେନ୍‌ରୋଡ୍‌ରେ ଥିବା ଅନ୍ୟ ଏକ ଜୁଏଲାରୀ ଦୋକାନକୁ ଯାଇ ନକଲି ସୁନା ଗହଣା ବିକିବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସକୁ ସୂଚନା ଦିଆଯାଇଥିଲା। ପ୍ଲାଣ୍ଟସାଇଟ୍ ଥାନାର ଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଅଧିକ ରୋଜଗାର ଆଶାରେ ଅଭିଯୁକ୍ତ ଜଣଙ୍କ ୪/୫ଟି ଦୋକାନରେ ନକଲି ସୁନା ବିକିବାକୁ ଉଦ୍ୟମ କରୁଥିଲେ। ଏଥିରେ ଏକ ଗ୍ୟାଙ୍ଗ୍ ସକ୍ରିୟ ଥିବା ପୋଲିସ ସନ୍ଦେହ କରୁଛି। ତେବେ ଏ ସମ୍ପର୍କରେ ରାଞ୍ଚି ପୋଲିସକୁ ସୂଚନା ଦିଆଯାଇଥିବା ଡିଏସ୍‌ପି ନିର୍ମଳ ମହାପାତ୍ର କହିଛନ୍ତି।

# ରାଉରକେଲା ମଜଦୁର ସଭାର ପ୍ରତିଷ୍ଠା ଦିବସ

ଟେନ୍‌ସା,୯।୧(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ରାଉରକେଲା ମଜଦୁର ସଭାର ୭୦ତମ ପ୍ରତିଷ୍ଠା ଦିବସ ଟେନସା ଶାଖା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଉରକେଲା ମଜଦୁର ସଭାର ସଭାପତି ଶଶଧର ନାୟକ, ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ, ଟେନସା ଶାଖାର ସାଧାରଣ ସମ୍ପାଦକ ରାଜେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବରସୁଆଁ ଲୌହଖଣିରେ କାର୍ଯ୍ୟରତ ଶ୍ରମିକ ଓ ଠିକା ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରେ ସର୍ବସମ୍ମତି କ୍ରମେ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ଶଶଧର ନାୟକ, ଉପସଭାପତି ପ୍ରମୋଦ କୁମାର ଦାସ, ପାଣ୍ଡବ ମାଝୀ, ଟେନସା ଶାଖର ସାଧାରଣ ସମ୍ପାଦକ ଭାବେ ରାଜେଶ ବେହେରା, ସମ୍ପାଦକ ନରେଶ ନାୟକ, ସେକ ସିରାଜଉଦ୍ଦିନ, ଭଗବାନ ବେହେରା, ନିର୍ମଳା ବେହେରା, କୋଷାଧ୍ୟକ୍ଷ ଶରତ ମଲ୍ଲ, ଜଗା ମଣ୍ଡଳ, ପିଏଲ ପରିଡାଙ୍କ ସମେତ ମୋଟ ୫୩ ଜଣଙ୍କ ନାମ ଘୋଷଣା କରାଯାଇଥିଲା। କର୍ଯ୍ୟକ୍ରମରେ ମଜଦୁର ସଭାର ୨୦୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ପ୍ରୀତିରେଖା ପରିଡା ଧନ୍ୟବାଦ ଦେଇଥିଲେ।

# ଏକାଧିକ ଚୋରି ମାମଲାରେ ୪ ଗିରଫ

ରାଉରକେଲା,୯।୧(ସଙ୍ଗୀତା ଜେନା)

ଝିରପାଣି ଥାନା କୋଏଲନଗର ମାର୍କେଟ ସମେତ ବିଭିନ୍ନ ଅଞ୍ଚଳରେ ଲଗାତାର କମ୍ପ୍ରେସର, କପର୍ ତାର ଚୋରି ଅଭିଯୋଗ ହୋଇଆସୁଥିଲା। ଏ ନେଇ ବିଭିନ୍ନ ସମୟରେ ଥାନାରେ ଅଭିଯୋଗକୁ ଆଧାର କରି ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶକ୍ତି ନଗରର ସୁରଜ ଧାରୁଆ(୩୪), କିଶୋର ଲୁଗୁନ୍(୨୪), ସେକ୍ଟର- ୨୦ ଆଜାଦ୍ ବସ୍ତିର ତୁଫାନ ନାୟକ(୨୦) ଏବଂ ସେକ୍ଟର-୨୦ ହିଲଟପ୍ ଛକର ଛୋଟୁ ବାଗ(୨୩)। ସେମାନଙ୍କଠାରୁ ୨ଟି ଏସି କମ୍ପ୍ରେସର, କପର ତାର ଏବଂ ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ଚୋରି ସାମଗ୍ରୀ କିଣୁଥିବା ଅଭିଯୁକ୍ତ ପଶ୍ଚିମବଙ୍ଗ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଗୁରୁବାର ଝିରପାଣି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ପୁଷ୍ପାଞ୍ଜଳୀ ନିନଗୀ ସୂଚନା ପ୍ରଦାନ କରିଛନ୍ତି। ଥାନାଧିକାରୀ ରବିନ୍ଦ୍ର ପ୍ରଧାନ, ଇନ୍ସପେକ୍ଟର ମନୋହର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡିଏସ୍‌ପି ନିନ୍‌ଗୀ କହିଥିଲେ, କୋଏଲନଗର ଏନ୍‌ଏସି ମାର୍କେଟ, ଶକ୍ତି ନଗର ଅର୍ବାନ୍ ହସ୍ପିଟାଲରୁ ଏୟାର କଣ୍ଡିଶନର କମ୍ପ୍ରେସର, କପର ତାର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଝିରପାଣି ଥାନାରେ ପୃଥକ୍ ୪ ମାମଲା(ନଂ.୭୮/୨୪, ନଂ.୧୦୦/୨୪, ନଂ.୦୨/୨୫, ନଂ.୦୫/୨୫, ନଂ.୦୬/୨୫) ବ୍ୟତୀତ ସେକ୍ଟର-୧୯, ସେକ୍ଟର-୩, ଉଦିତନଗର ଆଦି ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି।


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ।

# ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ

ରାଉରକେଲା,୯।୧(ସଙ୍ଗୀତା ଜେନା)

**ସରକାରୀ ଚାକିରି ଆଳରେ ଠକେଇ ଘଟଣା**

୨୦୨୨ରେ ଝିରପାଣି ଥାନା ଅଧୀନ ଜଗଦା ଅଞ୍ଚଳରେ ଜଣେ ମହିଳାଙ୍କୁ ସରକାରୀ ଚାକିରି କରାଇଦେବା ଆଳରେ ପ୍ରାୟ ୫ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗରେ ପୋଲିସ ଭୁବନେଶ୍ୱରରୁ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତୃପ୍ତିପ୍ରକାଶ ବାସା(୩୪)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

ଅଭିଯୋଗକାରିଣୀ ସୁମିତ୍ରା ସିଂଦେଓଙ୍କ ଏତଲା ଅନୁଯାୟୀ, ଅଭିଯୁକ୍ତ ତୃପ୍ତିପ୍ରକାଶ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରର ମୂଳନିବାସୀ ହୋଇଥିବା ବେଳେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହାଇଟେକ୍ ପ୍ଲାଜାରେ ରହୁଥିଲେ। ସେ ୨୦୨୨ରେ ଅନ୍‌ଲାଇନ୍ କ୍ଲାସରେ ସୁମିତ୍ରାଙ୍କ ସହ ପରିଚିତ ହୋଇଥିଲେ। ରାଜ୍ୟ ପରିବହନ ନିଗମରେ ମ୍ୟାନେଜର ପଦବୀରେ ଚାକିରି କରାଇଦେବା ଲାଗି କୁଆଡେ ତୃପ୍ତିପ୍ରକାଶ ତାଙ୍କୁ ଅଫର୍ କରିଥିଲେ। ଅନ୍ୟ ଲୋକଙ୍କଠାରୁ ଏ ବାବଦରେ ୧୫ ଲକ୍ଷ ଟଙ୍କା ନେଉଥିବା ବେଳେ ସୁମିତ୍ରାଙ୍କଠାରୁ ୫ ଲକ୍ଷ ଟଙ୍କାରେ କାମ କରିବାକୁ ଦୁଇ ଜଣଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ଏକାଧିକ କିସ୍ତିରେ ୪ଲକ୍ଷ ୫୦ ହଜାର ଟଙ୍କା ତୃପ୍ତିପ୍ରକାଶ ନେଇଥିଲେ। ଟଙ୍କା ନେବା ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏଥିରେ ଅତିଷ୍ଠ ହୋଇ ସୁମିତ୍ରା ଝିରପାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୪୦/୨୪) ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା।

# ଲ୍ୟାମ୍ପସ ପରିଚାଳନା ପରିଷଦ ପ୍ରତିନିଧିଙ୍କ ଦକ୍ଷତା ବିକାଶ କର୍ମଶାଳା



ସୁନ୍ଦରଗଡ,୯।୧(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ସର୍କଲ ଅଧୀନରେ ଥିବା ୨୪ ଗୋଟି ଲ୍ୟାମ୍ପସ୍ ପରିଚାଳନା ପରିଷଦର ସଭାପତି ତଥା ନିର୍ଦ୍ଦେଶକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା ବୁଧବାର ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି ପରିଚାଳନା ପରିଷଦର କାର୍ଯ୍ୟ ବାବଦରେ ସୂଚାଇଥିଲେ। ବ୍ୟାଙ୍କର ସିଇଓ ରବୀନ୍ଦ୍ର କାଲୁଣ୍ଡିଆ ପରିଚାଳନା କରିଥିଲେ। ବରିଷ୍ଠ ସହକାରୀ ସମବାୟ ନିବନ୍ଧକ ବଣାଇ ଅଜୟ କୁମାର ସେଠୀ ଯୋଗଦେଇ ପରିଚାଳନା ପରିଷଦ ବିଷୟରେ ଆଲୋକପାତ କରିଥିଲେ। ସମବାୟ ସମୂହ ନିବନ୍ଧକ ଉମାଶଙ୍କର ଦାସ ଚିରାଚରିତ କୃଷିଋଣ ପ୍ରଦାନରୁ ଊର୍ଦ୍ଧ୍ୱକୁ ଯାଇ ସରକାରଙ୍କ ସହାୟତା ନେଇ ଯେଉଁ ବ୍ୟବସାୟ ଚାଲିବ ତାକୁ ଅଧିକାରୀ ନେଇ ଆଗକୁ ବଢ଼ିପାରିଲେ ସମିତିର ଉନ୍ନତି ସାଙ୍ଗରେ ସଭ୍ୟଙ୍କ ମଧ୍ୟ ଉନ୍ନତି ଘଟିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ନିର୍ଦ୍ଦେଶକ ନିର୍ଦ୍ଦେଶିକା ଯୋଗଦେଇଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ପଞ୍ଚା ବାର୍ଲା, ଜଟିଆ ମୁଣ୍ଡା, ସୁଷମା ସରୋଜିନୀ ଟେଟେ, ଅମ୍ରିତ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବଡ଼ଗାଁ,୯।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି, ସରକାରୀ ଉଚ୍ଚ ବିଦ୍ୟାଳୟ ବିଜୁଲିଖମନର ପ୍ରଧାନ ଶିକ୍ଷକ ଗୋପୀନାଥ ନାଏକ ମୁଖ୍ୟବକ୍ତା ଓ ଶାଖା ପ୍ରବନ୍ଧକ ଆଇଡିବିଆଇ ସୁନ୍ଦରଗଡ଼ର ସଞ୍ଜିତା ବିଶ୍ୱାଳ, ବିଦ୍ୟା ମନ୍ଦିରର ପୂର୍ବତନ ସମ୍ପାଦକ ବସନ୍ତ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ସୁରେନ୍ଦ୍ର ଦାନୀ ମଞ୍ଚାସୀନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଗଜେନ୍ଦ୍ର ରାଉତ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା କମଳା ଆପଟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ସୁରେନ୍ଦ୍ର ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ବ୍ୟାଙ୍କ ସମ୍ମୁଖରୁ ୫ଲକ୍ଷ ଲୁଟ୍

ରାଉରକେଲା,୯।୧(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୯ ଥାନା ଅଞ୍ଚଳରେ ଜଣେ ଅବସରପ୍ରାପ୍ତ କନଷ୍ଟେବଲଙ୍କଠାରୁ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ପ୍ରାୟ ୫ ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦/୨୫ ) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରାଜଗାଙ୍ଗପୁରରେ ରହୁଥିବା ଅବସରପ୍ରାପ୍ତ କନଷ୍ଟେବଲ ସୁଶୀଲ ମାଝୀ(୬୨) ସକାଳେ ତାଙ୍କ ୩ ଝିଅପୁଅଙ୍କ ସହ କାର୍‌ରେ ରାଉରକେଲା ସେକ୍ଟର-୧୯ରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଟାଉନ୍‌ଶିପ୍ ଶାଖାକୁ ଟଙ୍କା ଉଠାଇବାକୁ ଆସିଥିଲେ। ବ୍ୟାଙ୍କରୁ ଟଙ୍କା ଉଠାଇବା ପରେ ସେ କାର୍ ନିକଟକୁ ଯିବା ସମୟରେ ୨ ଜଣ ଦୁର୍ବୃତ୍ତ କଳା ପଲସର୍‌ରେ ଆସି ତାଙ୍କ ହାତରୁ ଟଙ୍କାଭର୍ତ୍ତି ବ୍ୟାଗ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଉଭୟ ଦୁର୍ବୃତ୍ତ କଳା ହେଲମେଟ୍ ପିନ୍ଧିଥିଲେ।

# ଏଚ୍‌ଆଇଏଲ୍ ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ: ସିଲାନନ୍ଦ ଲାକ୍ରା

ରାଉରକେଲା,୯।୧(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୧୬ତମ ମ୍ୟାଚ୍ ୟୁପି ରୁଦ୍ରାସ ଓ ହାଇଦ୍ରାବାଦ ତୋଫାନ ମଧ୍ୟରେ ବୁଧବାର ରାତିରେ ଖେଳାଯାଇଥିଲା। ଏଥିରେ ହାଇଦ୍ରାବାଦ ତୋଫାନ ଦଳ ୩-୦ ଗୋଲରେ ୟୁପି ରୁଦ୍ରାସକୁ ପରାସ୍ତ କରି ବିଜୟୀ ହୋଇଥିଲା। ହାଇଦ୍ରାବାଦ ତୋଫାନ ଦଳରେ ସୁନ୍ଦରଗଡର ପୁଅ ସିଲାନନ୍ଦ ଲାକ୍ରା ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ତୃତୀୟ ଗୋଲ ୟୁପି ରୁଦ୍ରାସ ବିପକ୍ଷରେ ଦଳକୁ ବିଜୟୀ କରାଇଥିଲେ। ମ୍ୟାଚ୍ ବିଜୟୀ ହେବା ପରେ ସିଲାନନ୍ଦ ତାଙ୍କର ଅନୁଭୂତି ବାଣ୍ଟି କହିଥିଲେ, ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଯୁବ ଖେଳାଳିମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଏହି ଲିଗ୍‌ରେ ପ୍ରତ୍ୟେକ ଦଳରେ ଥିବା ଯୁବ ଖେଳାଳିମାନେ ବିଦେଶୀ ଖେଳାଳିଙ୍କ ସହ ମିଶି ଖେଳିବାର ସୁଯୋଗ ପାଇଛନ୍ତି। ଫଳରେ ସେମାନଙ୍କ ହକି ଖେଳିବାର କୌଶଳ ଓ ବିଭିନ୍ନ ପ୍ରକାର ଟେକ୍‌ନିକ୍ ସହ ଅଭିଜ୍ଞତା ମଧ୍ୟ ଶିଖିବାକୁ ମିଳୁଛି। ଏହା ଆମ ପାଇଁ ସୁବର୍ଣ୍ଣ ସୁଯୋଗ ଅଟେ। ହାଇଦ୍ରାବାଦ ତୋଫାନ ହକି ଇଣ୍ଡିଆ ଲିଗ୍‌ର ତୃତୀୟ ମ୍ୟାଚରେ ବିଜୟୀ ହୋଇଥିବାବେଳେ ସେଥିରେ ସିଲାନନ୍ଦ ନିଜ ମାଟିରେ ୟୁପି ରୁଦ୍ରାସ ବିପକ୍ଷରେ ୩ୟ ଗୋଲ ମାରିଥିବାରୁ ନିଜକୁ ଧନ୍ୟ ମନେ କରିବା ସହ ତାଙ୍କ ସମର୍ଥକଙ୍କୁ ପ୍ରଶଂସା କରିଥିଲେ। ସିଲାନନ୍ଦ ସୁନ୍ଦରଗଡ ଜଲା କଲଙ୍ଗାପଥର ଗାଁରେ ରୁହନ୍ତି। ସେ ପିତା କାରଲୁସ୍ ଲାକ୍ରା ଓ ମାତା ମେରିଖେସ୍ ଲାକ୍ରାଙ୍କର ପୁତ୍ର ଅଟନ୍ତି। ସେ ୧୯୯୯ ମେ' ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସିଲାନନ୍ଦ ୭ବର୍ଷ ବୟସରୁ ହକି ଖେଳିବା ଆରମ୍ଭ କରିଥିଲେ। ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ରାଜୁକାନ୍ତ ସାଇନି ଓ ପିଟର ତିର୍କୀଙ୍କଠାରୁ ସିଲାନନ୍ଦ ହକି ଖେଳ ତାଲିମ୍ ପାଇବା ପରେ ଅଣ୍ଡର-୧୭ ହକି ଇଣ୍ଡିଆ ଟିମ୍‌ରେ ସିଲାନନ୍ଦଙ୍କୁ ଫରୱାର୍ଡ ଖେଳାଳି ଭାବେ ସୁଯୋଗ ମିଳିଥିଲା। ୨୦୨୧ରେ ଭାରତୀୟ ଦଳରେ ସେ ସ୍ଥାନ ପାଇଥିଲେ। ସିଲାନନ୍ଦ ସେଲ୍ ହକି ଏକାଡମୀରେ ଅଭ୍ୟାସ କରିବା ପରେ ସେଲ୍ ପକ୍ଷରୁ ବହୁ ମ୍ୟାଚ ଖେଳି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସିଲାନନ୍ଦ ୬ଷ୍ଠ ଏସିଆନ ଚାମ୍ପିୟନ ଟ୍ରଫିରେ ଭାରତ ଦଳରୁ ଖେଳି ବ୍ରୋଞ୍ଜ ପଦକ ହାସଲ କରିବା ପରେ ୨୦୨୨ ଡିସେମ୍ବର ୨୩ରେ ଏକଲବ୍ୟ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଆଗକୁ ଦେଶ ପାଇଁ ଅଲିମ୍ପିକ୍ ଖେଳି ଦେଶର ନାଁ ରଖିବେ ବୋଲି ସିଲାନନ୍ଦ ଆଶା ପ୍ରକାଶ କରିଛନ୍ତି।


ସିଲାନନ୍ଦ ଲାକ୍ରା।

# 'ପୁନଶ୍ଚ ମହାତ୍ମା'ରେ ଗାନ୍ଧୀ ଆଦର୍ଶ କଥା

ରାଉରକେଲା,୯।୧(ସଙ୍ଗୀତା ଜେନା)

**ଲୋକନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା**

ରାଉରକେଲା ସେକ୍ଟର-୧୯ ସିଭିକ୍ ସେଣ୍ଟରରେ କଲ୍‌ଚରାଲ ଏକାଡ଼େମୀ ଆୟୋଜିତ ୩୭ତମ ଲୋକନାଟକ ମହୋତ୍ସବର ଗୁରୁବାର ଥିଲା ପଞ୍ଚମ ସନ୍ଧ୍ୟା। ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ପୌରୋହିତ୍ୟରେ ବସ୍ତିଆ ମେମୋରିଆଲ୍ ଟ୍ରଷ୍ଟର ଟ୍ରଷ୍ଟି ଗୌତମ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଲେ, ଆଜିର ସମୟ ଏକ ବନ୍ଧୁହୀନ ସମୟ। ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନରେ ନାଟକ ଯେଉଁ ଭୂମିକା ଗ୍ରହଣ କରିଥାଏ ତାର ମୁଖ୍ୟ ନାୟକ ଦର୍ଶକ ସମାଜ ବୋଲି ସେ ମତବ୍ୟକ୍ତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅନ୍ୟତମ ସମ୍ପାଦକ ଡ. ନଗେନ ଦାସ। ଶେଷରେ କଲ୍‌ଚରାଲ ଏକାଡ଼େମୀ ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଲ୍‌ଚରାଲ ଏକାଡ଼େମୀର ସହ ଆବାହକ ଅକ୍ଷୟ ସାମଲ, ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ଡ. ପ୍ରଭାତ ମଲ୍ଲିକ, ଡ. ଶ୍ରୀକାନ୍ତ ମହାନ୍ତି, ଗୋକୁଳାନନ୍ଦ ଦାଶ, ଅକ୍ଷୟ ପଣ୍ଡା, ଆଲୋକ ବୋଷେ, ଡା. କୃପାସିନ୍ଧୁ ନାୟକ, ପରେଶ ବିଶ୍ୱାଳ, କିଶୋର ଚନ୍ଦ୍ର ବେହେରା, ସୁଜିତ ନାୟକ, ବଳରାମ ରାଉଳ, କେଦାର ନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ନିକୁଞ୍ଜ ରାଉତରାୟ, ମୀନକେତନ ପଶାୟତ, ସୁକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କଟକର ଥିଏଟର ଅଭିଯାନ ନାଟ୍ୟସଂସ୍ଥାର ନାଟକ 'ପୁନଶ୍ଚ ମହାତ୍ମା' ପରିବେଷିତ ହୋଇଥିଲା। ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ଭିତରେ ଜନତାଙ୍କ ଆଶା, ଆକାଂକ୍ଷା ଆଉ ନେତାଙ୍କ ଆଶ୍ୱାସନାର ସଂଖ୍ୟା ବଢ଼ିଛି। ବେଳେବେଳେ ଆବର୍ଜନା ପରି ଜନତାଙ୍କ ସ୍ୱପ୍ନକୁ ନେତାମାନେ ଝାଡୁ ମାରି ଫିଙ୍ଗି ଦେଇଛନ୍ତି ସେମାନଙ୍କ ଜୀବନର ଚୌହଦ୍ଦିରୁ। ପଥଭ୍ରଷ୍ଟ ନୂତନ ପିଢ଼ି କେବଳ ପ୍ରଚାର ପ୍ରସାର କରେ ଗାନ୍ଧୀଙ୍କ ନୀତିକୁ। ପ୍ରକୃତରେ ଅନୁସରଣରେ ଆଗ୍ରହୀ ନ ଥାଏ। ସେ ପୁଣି ନିଜକୁ କହେ ଗାନ୍ଧୀ, ଗୋପବନ୍ଧୁ ଆଉ ନେତାଜୀଙ୍କ ଦାୟାଦ। ଗାନ୍ଧିଜୀଙ୍କ ଆଦର୍ଶକୁ ଦେବେ ପୁଣି ସାକାର ରୂପ। ହେଲେ ଶାସକ ବଦଳିଗଲେ ଶାସନ ବଦଳି ଯାଏନା। ରାଜନୀତିର ପଶାପାଲିରେ ଏଠି ଗାଦିରେ ବସିଥିବା ଛଦ୍ମବେଶୀ ଶାସକ ଭ୍ରଷ୍ଟ। ତମାମ ଜୀବନ ଗାନ୍ଧିଜୀଙ୍କ ଆଦର୍ଶରେ ନିଜକୁ ଗଢ଼ିଥିବା ମଣିଷଟିକୁ ବ୍ୟବସ୍ଥାର ଭଉଁରୀ ଭିତରେ ଗାନ୍ଧୀଙ୍କ ପରି ବଳି ପକାଇ ନିଃଶେଷ କରିଦେବାର ପ୍ରୟାସ ହିଁ ନାଟକ 'ପୁନଶ୍ଚ ମହାତ୍ମା'। ଭାବଗ୍ରାହୀ ଦାଶ ରଚିତ ଓ ଅକ୍ଷୟ କୁମାର ରଣା ନିର୍ଦ୍ଦେଶନାରେ ରାଜକୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ‘ପ୍ରକୃତିର ପ୍ରକୃତ ରକ୍ଷକ ହେଉଛନ୍ତି ଆଦିବାସୀ’

## କିସିଣ୍ଡାଗୁଡ଼ିରେ ଜଂଘାଲିଙ୍ଗା ବଡ଼ଦେଓ ପୂଜା

ନାକଟିଦେଉଳ,୯।୧(ବୈକୁଣ୍ଠନାଥ ସାହୁ)

ପ୍ରକୃତିର ପ୍ରକୃତ ରକ୍ଷକ ହେଉଛନ୍ତି ଆଦିବାସୀ । ଅଞ୍ଚଳରେ ରହିଥିବା ପ୍ରକୃତିକୁ କେବେ ହେଲେ କୌଣସି ସରକାର ରକ୍ଷା କରିପାରିନାହିଁ । ତେଣୁ ଆଦିବାସୀମାନଙ୍କ ଜୀବନ ଜୀବିକାକୁ ପଛକୁ ଠେଲି ଦେଇ ବିକାଶର ସ୍ୱପ୍ନ ଦେଖା ଯାଇ ପାରିବନାହିଁ। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ମଧ୍ୟ ପ୍ରାକୃତିକ ସମ୍ପଦ ଭରପୁର ରହିଛି । ତେଣୁ ପ୍ରକୃତିର ବିନା ନଷ୍ଟରେ ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଅଞ୍ଚଳର ବିକାଶ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ବିଧାନ ସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଗୁଡ଼ିରେ କିସିଣ୍ଡା ଷଡ଼ବଂଶୀୟ ଗଣ୍ଡ ସମାଜ ପକ୍ଷରୁ ଗୁରୁବାର ଆୟୋଜିତ ଗଣ୍ଡ ସମାଜର ଆରାଧ୍ୟ ଦେବତା ଜଂଘାଲିଙ୍ଗା ବଡଦେଓଙ୍କ ବାର୍ଷିକ ପୂଜାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଚାର୍ଯ୍ୟ ଏହି ମତ ରଖିଛନ୍ତି। ସେ କହିଥିଲେ ପଶ୍ଚିମ ଓଡ଼ିଶାରେ ଥିବା ପୌରାଣିକ ଗନ୍ଧମାର୍ଦ୍ଦନ ପାହାଡ଼ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକା ସହିତ ଅଙ୍ଗାଙ୍ଗୀଭାବେ ଜଡିତ ରହିଆସିଛି। ବର୍ତ୍ତମାନ ଏହି ପାହାଡ଼ ଉପରେ ସରକାରଙ୍କୁ ଧରି ପ୍ରାକୃତିକ ସମ୍ପଦକୁ ଲୁଟ୍ କରିବାକୁ ଏକ କମ୍ପାନୀ ଆଗେଇ ଆସିଛି। ତେବେ ଜାନ ଯାଉ କିନ୍ତୁ ଆମ ପାହାଡ଼ ରହୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଜିଦ ଧରି ସରକାରଙ୍କ ଏହି ପ୍ରକ୍ରିୟାକୁ ଏବେ ବିରୋଧ କଲେଣି। ତେଣୁ ପ୍ରାକୃତିକ ସମ୍ପଦର ସୁରକ୍ଷା ଦିଗରେ ସର୍ବଦା ସବୁଠାରେ ସ୍ଥାନୀୟ ଆଦିବାସୀ ଲୋକଙ୍କର ଭୂମିକା ରହି ଆସିଛି ବୋଲି ସେ କହିଥିଲେ। ଷଡ ବଂଶୀୟ ଗଣ୍ଡ ସମାଜର ଆରାଧ୍ୟ ଦେବତା ଜଂଘାଲିଙ୍ଗାଙ୍କ ଆଶୀର୍ବାଦ ସବୁବେଳେ ଏହି ଆଦିବାସୀ ସମାଜ ଉପରେ ରହିଥାଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, କିସିଣ୍ଡା ଗୁଡ଼ି ସଭାପତି ବିଶ୍ୱାମିତ୍ର ଭୋଇ, ବରିଷ୍ଠ ପ୍ରଶାସକ ଅଲେଖ ଘୁଟା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଷଡ଼ବଂଶୀୟ ଗଣ୍ଡ ସମାଜ ଉପଦେଷ୍ଟା ବିଶ୍ୱାମିତ୍ର କୁଅଁର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଷଡବଂଶୀୟ ଗଣ୍ଡ ସମାଜର ରୀତିନୀତି, ସାଂସ୍କୃତିକ ପରମ୍ପରା ଏବଂ ଭାଇ ଚାରା ସମ୍ପର୍କରେ ଆଲୋକପାତ କରିଥିଲେ। ନାକଟିଦେଉଳ ବ୍ଲକର ବଳମ, ଗିରିଶ୍ଚନ୍ଦ୍ରପୁର, କିସିଣ୍ଡା, ପାଣିମୁରା ଜୁଯୁମୁରା ବ୍ଲକର ମେଘପାଳ, ଛାମୁଣ୍ଡା, ଟାଂପରଗଡ଼ ଏବଂ ଜମନକିରା ବ୍ଲକର କୁଲୁଣ୍ଡି ଗ୍ରାମ ପଞ୍ଚାୟତକୁ ନେଇ କିସିଣ୍ଡାଠାରେ ଏକ ମାଡା ବ୍ଲକ ପ୍ରତିଷ୍ଠା କରିବା ଦିଗରେ ଅଞ୍ଚଳବାସୀ ଆଜକୁ ଦୀର୍ଘ ଦିନ ହେଲା ଦାବି କରି ଆସୁଥିବା ବେଳେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ବିଧାୟକ ଆଚାର୍ଯ୍ୟଙ୍କୁ ଷଡ଼ବଂଶୀୟ ଗଣ୍ଡ ସମାଜ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗଣ୍ଡ ସମାଜ ଛାତ୍ର ସଙ୍ଗଠନ ସଭାପତି ଦୁଷ୍ମନ୍ତ ନାଏକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମାଜସେବୀ ମହେନ୍ଦ୍ର କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୁଡ଼ି ସମ୍ପାଦକ କବୀର ନାଏକ, ଛାତ୍ର ସଙ୍ଗଠନ ଅରୂପ ରତନ ନାଏକ, ଉପସଭାନେତ୍ରୀ ବନଶ୍ରୀ କୁମରା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଷଡବଂଶୀୟ ଗଣ୍ଡ ସମାଜର ମହିଳା ଏବଂ ପୁରୁଷ ସେମାନଙ୍କ ଆରାଧ୍ୟ ଦେବତା ଜଂଘାଲିଙ୍ଗା ବଡଦେଓଙ୍କୁ ସ୍ଥାନୀୟ ପୋଖରୀରେ ସ୍ନାନ କରାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗୁଡ଼ି ପର୍ଯ୍ୟନ୍ତ ଯାଇଥିଲେ।



ମଞ୍ଚାସୀନ ଅତିଥିଙ୍କ ଉପସ୍ଥିତିରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ରଖୁଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ବୁରୁବୁଡ଼ା ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ନାକଟିଦେଉଳ,୯।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ପଞ୍ଚାୟତ ଅନ୍ତର୍ଗତ ଲୁହାବୀର ଗ୍ରାମର ବୀର ବଜରଙ୍ଗବାଲି କ୍ରିକେଟ କ୍ଲବ ପକ୍ଷରୁ ଗତ ୭ତାରିଖଠାରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ବୁରୁବୁଡ଼ା ଏବଂ ମାଛୁ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିଣି ବୁରୁବୁଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୧୧.୩ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ମାଛୁ ଦଳ ୧୦.୩ଓଭରରେ ଆଲ ଆଉଟ ହୋଇ ମାତ୍ର ୬୦ ରନ କରିଥିଲା । ବୁରୁବୁଡ଼ାର ଟୁନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ରତନଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଦୁଷ୍ମନ୍ତ କୁମାର ଦେହୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରେଢ଼ାଖୋଲ ଏନଏସି ଅଧ୍ୟକ୍ଷ ଶିବାରମ ସାହୁ, ଜିଲା ପରିଷଦ ସଦସ୍ୟ ଶରତ କୁମାର ପ୍ରଧାନ, ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ, ସମିତି ସଭ୍ୟ ମାନସ କୁଅଁର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ରାଉଳ, ଲୁହାବୀର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବାଶିଷ ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଉଗ୍ରେସନ କୁଲସରୀ, ରଶ୍ମି ରଞ୍ଜନ ଭଞ୍ଜ ଏବଂ ସନ୍ତୋଷ ଦେହୁରୀ ଅତିଥି ଭାବେ ଯୋଗଦେଇ ବିଜେତା ବୁରୁବୁଡ଼ା ଏବଂ ଉପବିଜେତା ମାଛୁ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ବଜରଙ୍ଗବଲି କ୍ରିକେଟ କ୍ଲବର ମଦନ ଅଙ୍ଗୀ, ଶଶୀଭୂଷଣ ମଲ୍ଲିକ, ସୁଶାନ୍ତ ଧରୁଆ ଏବଂ ପିଣ୍ଟୁ ନାଏକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସରିଲା ରିମାଣ୍ଡ, ଜେଲଗଲେ ଟ୍ରକ ଚାଳକ

**ଟ୍ରକ ମଡ଼ାଇ ୨ ଭାଜପା ନେତାଙ୍କୁ ହତ୍ୟା ଘଟଣା**

ସମ୍ବଲପୁର,୯।୧(ପ୍ରମୋଦ ବହିଦାର)

ବୁର୍ଲା ଥାନା ଅନ୍ତର୍ଗତ ଆ.କଟାପାଲିରେ ଗତ ୪ତାରିଖ ବିଳମ୍ବିତ ରାତିରେ ଟ୍ରକ ମଡ଼ାଇ ୨ ଭାଜପା ନେତାଙ୍କ ହତ୍ୟା ମାମଲାର ଅଭିଯୁକ୍ତଙ୍କ ୩ଦିନିଆ ରିମାଣ୍ଡ ଅବଧି ଗୁରୁବାର ଶେଷ ହୋଇଛି। ରିମାଣ୍ଡ ଅବଧି ଶେଷ ହେବା ପରେ ଅଭିଯୁକ୍ତ ଚାଳକ ପ୍ରସନ୍ନ ଜେନାମଣିଙ୍କୁ ବୁର୍ଲା ଥାନା ପୋଲିସ ଜିଲା ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀଙ୍କ ଅଦାଲତରେ ହାଜର ପରେ ଜେଲ ହାଜତ ପଠାଇ ଦିଆଯାଇଛି। ତେବେ ରିମାଣ୍ଡ ସମୟରେ ମଧ୍ୟ ସେ କୌଣସି ନୂଆ କଥା କହି ନ ଥିବା ଜଣାପଡିଛି। ପୂର୍ବଭଳି ତାଙ୍କ ବୟାନରେ କୌଣସି ତାଳମେଳ ରହୁନାହିଁ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ। ବରିଷ୍ଠ ଓ ଅଭିଜ୍ଞ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଚାଳକଙ୍କ ପଲିଗ୍ରାଫ ଟେଷ୍ଟ ସହିତ ମାନସିକ ସ୍ଥିତିର ମଧ୍ୟ ପରୀକ୍ଷା କରାଯିବ। ଏଥିପାଇଁ ତାଙ୍କୁ ପୁଣଥରେ ରିମାଣ୍ଡରେ ନେବାକୁ ପୋଲିସ ପକ୍ଷରୁ ଅଦାଲତରେ ଆବେଦନ କରାଯାଇଛି ବୋଲି ଆଇଜି ଲାଲ କହିଛନ୍ତି।

### ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି: ଆଇଜି

**ମଣପୁରମ୍ ସୁନା ଓ ଟଙ୍କା ଲୁଟ୍ ଘଟଣା**

ସମ୍ବଲପୁର, ୯।୧(ପ୍ରମୋଦ ବହିଦାର)

ସମ୍ବଲପୁର ସହର ବୁଢ଼ାରଜାର ମଣପୁରମ୍ ସୁନାରଣ କମ୍ପାନୀରୁ ଗତ ୩ ତାରିଖ ସୁନା ଓ ଟଙ୍କା ଲୁଟ୍ ଘଟଣାକୁ ସପ୍ତାହେ ବିତିଛି। ଗୁରୁବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ଏହି ଲୁଟ୍ ଘଟଣା ପୋଲିସ ପାଇଁ ସମ୍ମାନର ପ୍ରଶ୍ନ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି। ତଦନ୍ତ ପ୍ରକ୍ରିୟାକୁ ନିଜେ ଡିଜି ମନିଟରିଂ କରୁଛନ୍ତି। ବିଭିନ୍ନ ରାଜ୍ୟର ପୋଲିସ ଏସ୍‌ଟିଏଫର ସାହାଯ୍ୟ ନିଆଯାଇଛି। ନିଶ୍ଚିତ ଭାବେ ଏହି ଘଟଣାର ପର୍ଦ୍ଦାଫାଶ କରାଯିବ। ତେବେ ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଝାରଖଣ୍ଡର ହାଟିଆ ଷ୍ଟେଶନରେ ରେଳସୁରକ୍ଷା ବାହିନୀ(ସିଆର୍‌ପିଏଫ୍) ଦ୍ୱାରା ଧରାପଡ଼ିଥିବା ମଣପୁରମ କମ୍ପାନୀର ସୁନା ଓ ଟଙ୍କା ଲୁଟ୍ ଘଟଣାର ଜଣେ ଅଭିଯୁକ୍ତଙ୍କୁ ପାଲିସ ସମ୍ବଲପୁର ଆଣିଥିବା ସମ୍ପର୍କରେ ପଚାରିବାରେ ଘଟଣାରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୩ ତାରିଖ ପୂର୍ବାହ୍ନ ସାଢ଼େ ୯ଟାରେ ବୁଢ଼ାରଜାସ୍ଥିତ ମଣପୁରମ୍ ସୁନା ଋଣ କମ୍ପାନୀ ଶାଖା କାର୍ଯ୍ୟାଳୟରୁ ୩୦ କେଜି ସୁନା ଲୁଟ୍ ହୋଇଥିଲା। ମୁଖା ଓ ହଲ୍‌ମେଟ୍ ପିନ୍ଧା ଏକାଧିକ ଡକାୟତ ବନ୍ଧୁକ ମୁନରେ ଶାଖା କର୍ମଚାରୀମାନଙ୍କୁ ବାନ୍ଧିଦେଇ ଲକରରୁ ସୁନା ଓ ନଗଦ ୪ ଲକ୍ଷ ୮୧ ହଜାର ଟଙ୍କା ଲୁଟି ବାଇକ୍ ଯୋଗେ ଫେରାର ମାରିଥିଲେ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର ମାମଲା**

ସମ୍ବଲପୁର,୯।୧(ପ୍ରମୋଦ ବହିଦାର)

ସମ୍ବଲପୁର ପୋକ୍‌ସୋ ଅଦାଲତାରେ ବିଚାରାଧୀନ ୨୦୨୨ ମସିହାରେ ରୁଜୁ ଜମନକିରା ଥାନା ବନ୍ଧାଭୂଇଁ ଅଞ୍ଚଳର ନାବାଳିକା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ବନ୍ଧାଭୂଇଁର ଉମେଶ ମୁଣ୍ଡା(୨୨)ଙ୍କୁ ଦଫା ୩୭୬ ଓ ୬ ପୋକ୍‌ସୋ ଆଇନରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ। ସେହିପରି ବିବାହର ମିଛ ପ୍ରଲୋଭନ ଦେବା ଅଭିଯୋଗ ଦଫା ୪୧୭ରେ ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାଦେଶ ହୋଇଛି। ତେବେ ଅଭିଯୁକ୍ତଙ୍କୁ ସମସ୍ତ ଦଣ୍ଡବିଧାନ ସମାନ୍ତରାଳ ଭାବେ ଏକ ସଙ୍ଗେ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ ସମ୍ବଲପୁର ଜିଲା ଜମନକିରା ଥାନା ବନ୍ଧାଭୂଇଁ ଅଞ୍ଚଳରେ ରହୁଥିବା ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ଉମେଶ ବିବାହର ପ୍ରଲୋଭନ ଦେଇ ବାରମ୍ବାର ବଳାତ୍କାର କରିଥିଲେ। ୪ ବର୍ଷର ସମ୍ପର୍କରେ ପରେ ନାବାଳିକା ଗର୍ଭବତୀ ହୋଇଥିଲେ। ପୀଡ଼ିତା ବିବାହ ପାଇଁ ଉମେଶଙ୍କୁ ବାରମ୍ବାର କହିବା ସତ୍ତ୍ୱେ ସେ ଶୁଣି ନ ଥିଲେ। ଶେଷରେ ପୀଡ଼ିତାଙ୍କ ସହିତ ତାଙ୍କ ପରିବାର ଲୋକ ଏନେଇ ୨୦୨୨ ଅକ୍ଟୋବର ୧୬ରେ ଜମନକିରା ଥାନାରେ ଏତଲା ଦେଇଥିଲେ। ପୀଡ଼ିତାଙ୍କ ଏତଲାକୁ ଆଧାରରେ ଥାନାରେ ଦଫା ୩୭୬, ୪୧୭ ଓ ୬ ପୋକ୍‌ସୋ ଆଇନରେ ଏକ ମାମଲା ରୁଜୁ କରି ପୋଲିସ ଉମେଶଙ୍କୁ ଗିରଫ କରିଥିଲା। ପରବର୍ତ୍ତୀକାଳରେ ପୀଡ଼ିତା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପୋଲିସ ଚାର୍ଜଶିଟ୍ ଦାଖଲ ପରେ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# କାରରୁ ୩୬କେଜି ଗଞ୍ଜେଇ ଜବତ, ୩ଗିରଫ

ରେଢାଖୋଲ,୯।୧(ଅଚ୍ୟୁତାନନ୍ଦ ପୁରୋହିତ)

ବୌଦ୍ଧ ଜିଲାରୁ ପଶ୍ଚିମବଙ୍ଗକୁ ଚୋରାଚାଲାଣ ବେଳେ ରେଢାଖୋଲ ପୋଲିସ କେନ୍ଦୁକଟା ତାରେଣି ମନ୍ଦିର ନିକଟରୁ କାରରୁ ୩୬ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୌଦ୍ଧର ସବ୍ୟସାଚୀ ପ୍ରଧାନ, ଅନନ୍ତ ମହାକୁଡ ଓ ଭୀମ ଭୁକ୍ତା। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତ ପଠାଇ ଦିଆଯାଇଛି। କାର ନଂ. ଡବ୍ଲୁ ବି ୦୬ ଏଲ-୩୧୭୦ ଯୋଗେ ବୌଦ୍ଧରୁ ରେଢାଖୋଲ ସହର ଦେଇ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ପୋଲିସ ସୂଚନା ପାଇଥିଲା।

# ଐତିହ୍ୟ ସଂରକ୍ଷିତ ରଖି ବିଶ୍ୱ ସମ୍ପର୍କ ସୁଦୃଢ଼ କର



କାର୍ଯ୍ୟକ୍ରମରେ ଉପଜିଲାପାଳ ଗୌରବମୟ ପ୍ରଧାନଙ୍କ ସହ ଅନ୍ୟମାନେ।

କୁଚିଣ୍ଡା,୯।୧(ବିରଞ୍ଚି ଦର୍ଶା)

**ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ**

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଗୁରୁବାର ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ସଭାପତିତ୍ୱ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। କୁଚିଣ୍ଡା ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଗୌରବମୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରି ସମୃଦ୍ଧ ଐତିହ୍ୟକୁ ସଂରକ୍ଷିତ ରଖି ବିଶ୍ୱ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଡ କଲେକ୍ଟର ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାସ୍କର ଚନ୍ଦ୍ର ବେହେରା, ରସାୟନ ବିଜ୍ଞାନ ବିଭାଗ ପ୍ରାଧାପକ ଡ.ସୁମନ୍ତ କୁମାର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରବାସୀ ଭାରତୀୟ ଦିବସ ପାଳନ ଉପରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସୁଧାଂଶୁ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ମଞ୍ଜୁଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ମହାବିଦ୍ୟାଳୟର ସମସ୍ତ ବିଭାଗର ପ୍ରାଧାପିକା, ପ୍ରାଧାପକ, ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ କର୍ମଚାରୀ ଓ ବହୁସଂଖ୍ୟକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର

## ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରୀମାନଙ୍କ ଧାରଣା

ସମ୍ବଲପୁର,୯।୧(ପ୍ରମୋଦ ବହିଦାର)

ସମ୍ବଲପୁର ସରକାରୀ ମହାବିଦ୍ୟାଳୟ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଜଣେ ଛାତ୍ରୀଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଛାତ୍ରୀଙ୍କୁ ଧକ୍କା ଦେଇଥିବା ବାଇକ୍ ଆରୋହୀ ମଧ୍ୟ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତ ଛାତ୍ରୀ ଯୁକ୍ତ ୨ ପ୍ରଥମ ବର୍ଷ କଳା(ଧନ୍ଦାମୂଳକ) ନିକିତା ଲୁହା। ଆହତ ବାଇକ ଆରୋହୀଙ୍କ ପରିଚୟ ମିଳିନାହିଁ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍(ଓଡି-୧୫-ଏକ୍ସ-୧୦୮୮)କୁ ଜବତ କରିଛି। ଏହାକୁ ନେଇ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଆହତ ଛାତ୍ରୀଙ୍କୁ ଉପଯୁକ୍ତ କ୍ଷତିପୂରଣ,


ସରକାରୀ ମହିଳା କଲେଜ ସମ୍ମୁଖରେ ଛାତ୍ରୀମାନେ ରାସ୍ତାରୋକୋ କରିଛନ୍ତି।

ମହାବିଦ୍ୟାଳୟ ସମ୍ମୁଖସ୍ଥ ମୁଖ୍ୟରାସ୍ତା ଉପରେ ଗତି ନିରୋଧକ, ଏହିରାସ୍ତା କଡ଼ରେ ନିୟମିତ ଭାରୀଯାନ ପାର୍କିଂ ଉପରେ କଟକଣା ଓ ମହାବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ମହାବିଦ୍ୟାଳୟରେ ଏକ ପୋଲିସ ଆଉଟ୍‌ପୋଷ୍ଟ ସ୍ଥାପନ ପାଇଁ ଦାବି କରିଥିଲେ। ଖବର ପାଇ ସଦର ତହସିଲଦାର ମନୋଜ ପ୍ରଭାକର କୁଜୁର, ପୂର୍ତ୍ତ ବିଭାଗ ଏସ୍‌ଡିଓ ବିନୀତ ଲାକ୍ରାଙ୍କ ସହିତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସହ ଧନୁପାଲି ଆଇଆଇସି ସୁବ୍ରତ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି

**ବାଇକ୍ ଆରୋହୀ ବି ଗୁରୁତର**

ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ଆହତ ଛାତ୍ରୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ରାସ୍ତାଉପରେ ଗତି ନିରୋଧକ ସହ ଜେବ୍ରା କ୍ରସିଂ ନିର୍ମାଣ, ରାସ୍ତା କଡ଼ରେ ଭାରୀଯାନ ପାର୍କିଂକୁ ସମ୍ପୂର୍ଣ୍ଣ ନିଷେଧ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ, ଏଠାରେ ପୋଲିସ ଆଉଟ୍ ପୋଷ୍ଟ ସ୍ଥାପନ ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇ ଦିଆଯିବ ବୋଲି ସଦର ତହସିଲଦାର କୁଜୁର ପ୍ରତିଶ୍ରୁତି ସହ ତୁରନ୍ତ ରାସ୍ତା ଉପରେ ପୋଲିସ ପକ୍ଷରୁ ଏକ ଅସ୍ଥାୟୀ ଗତି ନିରୋଧକ ସ୍ଥାପନ କରାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଜଳ, ସ୍ୱଚ୍ଛ ଭାରତ ମିଶନ ପ୍ରଶିକ୍ଷଣ ଶିବିର

ଜମନକିରା,୯।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ଗୋଷ୍ଠୀ ପରିଚାଳିତ ଜଳ ଜୀବନ ଏବଂ ସ୍ୱଚ୍ଛ ଭାରତ ମିଶନର ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଅଧ୍ୟକ୍ଷତା କରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାରେ କିପରି ସୁଧାର ଅଣାଯାଇ ପାରିବ ସେ ଦିଗରେ ଉପସ୍ଥିତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କୁ ବୁଝାଇଥିଲେ। ପ୍ରଶିକ୍ଷକଭାବେ ଜିଲା ପରିମଳ ସଂଯୋଜକ ବିଦ୍ୟୁତ ନାଗ, ସଂଯୋଜକ ପ୍ରମୋଦ ଏକା ଏବଂ ଜିଲା ଇଉନିସିଫ ସଂଯୋଜକ ଘନଶ୍ୟାମ ପଣ୍ଡା ପ୍ରୋଜେକ୍ଟରେ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ମୁଖ୍ୟତଃ ପ୍ରତି ଗ୍ରାମରେ ଗ୍ରାମ୍ୟ ଜଳ ଓ ପରିମଳ କମିଟି ଗଠନ କରାଯାଇ ପାନୀୟ ଜଳକୁ କିପରି ସୁଚାରୁ ରୂପେ ପରିଚାଳନା କରାଯିବ ବୁଝାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ଶାଳିନି ସିଂ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ରଞ୍ଜନ ଚୌଧୁରୀ, ସହକାରୀ ଯନ୍ତ୍ରୀ ଜ୍ଞାନସ୍ୱରୁପା ବାଡା, ଜିପିଡ଼ିଓ ଅଜୟ ଖାଡ଼ିଆ ଉପସ୍ଥିତ ଥିଲେ।

# ମାଈ ହାତୀର ମୃତଦେହ ଠାବ, ବନ ବିଭାଗର ତଦନ୍ତ ଆରମ୍ଭ

ଦେବଗଡ଼,୯।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ରାଇରତନପୁର ଗ୍ରାମ ନିକଟରେ ଗୁରୁବାର ଏକ ମାଈ ହାତୀର ମୃତଦେହ ଠାବ କରାଯାଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ସନ୍ଧ୍ୟାରେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଏସିଏଫ୍ ସ୍ୱାଧୀନତା ସାହାଣୀ ଓ ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର କାରଣ ସମ୍ପର୍କରେ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବାର୍ଦ୍ଧକ୍ୟ ଜନିତରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଏକ ହାତୀପଲ ଉକ୍ତ ଅଞ୍ଚଳରେ ବିଚରଣ କରୁଥିବା ବେଳେ ଆଜକୁ ପ୍ରାୟ ୯ ଦିନ ହେଲା ବୟସ୍କା ମାଈ ହାତୀକୁ ଗୋଠରୁ ଅଲଗା କରି ଦେଇଥିଲେ। ବନ ବିଭାଗ ପକ୍ଷରୁ ମାଈ ହାତୀକୁ ଟ୍ରାକ୍ କରାଯାଉଥିବା ବେଳେ ଗୁରୁବାର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଶୁକ୍ରବାର ପ୍ରାଣୀ ଚିକିତ୍ସାକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ଡିଏଫ୍‌ଓ ରାଓସୋ ସୂଚନା ଦେଇଛନ୍ତି।


ମୃତ ହାତୀ।

# ବାଜି ରାଉତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: କଂସର ଚାମ୍ପିୟନ

ଦେବଗଡ଼,୯।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ସାଂସଦ କ୍ରୀଡ଼ା ମହୋତ୍ସବ ଅନ୍ତର୍ଗତ ଆମେ ଓଡ଼ିଆ ଏବଂ ବିକାଶ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରିଦିବସୀୟ ବାଜି ରାଉତ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଦେବଗଡ଼ ଜିଲା ଅନ୍ତର୍ଗତ ସମସ୍ତ ବ୍ଲକରୁ ୨୪ଟି ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ମସିନ୍ତା ଦଳକୁ ଟାଇବ୍ରେକର ଜରିଆରେ ପରାସ୍ତ କରି କଂସର ଦଳ ଚାମ୍ପିୟନ ହୋଇଛି। ଖେଳ ଏବଂ ଖେଳାଳିଙ୍କ ବିକାଶ ସହିତ ଫୁଟବଲ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ଫୁଟ୍‌ବଲ ଟିମକୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ୫ ହଜାର ଟଙ୍କା ପ୍ରୋତ୍ସାହିତ ରାଶି, ଗୋଟିଏ ଫୁଟ୍‌ବଲ ଏବଂ ସମସ୍ତ ଖେଳାଳିଙ୍କୁ ଜର୍ସି ପ୍ରଦାନ କରାଯାଇଛି। ଦେବଗଡ ସମେତ ସମ୍ବଲପୁର, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାରେ ବାଜି ରାଉତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଜିଲାରୁ ଚାମ୍ପିୟନ ଟିମକୁ ନେଇ ପୁଣି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଏହି ଅବସରରେ ସନ୍ଧ୍ୟାରେ ଇଂ ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋ, ଜିଲା କ୍ରୀଡ଼ା ଅଧିକାରୀ ଈଶ୍ୱର ଗୁରୁ, ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଆମେ ଓଡ଼ିଆ ଏବଂ ବିକାଶ ଫାଉଣ୍ଡେଶନ କର୍ମକର୍ତ୍ତା ଖେଳ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ।



